ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨ ଅକ୍ଟୋବର, ୨୦୨୨
ପଶ୍ଚିମ ଓଡ଼ିଶା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୧,୧୯,୮୭୮ | ୬୫,୪୯,୭୨୪ | ୬୦,୨୮,୫୮,୪୮୬ |
| ଭାରତ | ୪,୪୫,୯୧,୧୧୨ | ୫,୨୮,୬୫୫ | ୪,୪୦,୨୪,୧୬୪ |
| ଓଡ଼ିଶା | ୧୩,୩୪,୨୩୬ | ୯୧୯୪(+୫୩) | ୧୩,୨୩,୬୪୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୫୬ ବର୍ଷରେ ଦୟା ଧର୍ମଶାଳା ଦୁର୍ଗାପୂଜା

ସୁନ୍ଦରଗଡ,୧।୧୦(ଡି.ଏନ.ଏ.)

ଧରାପୃଷ୍ଠରେ ଶରତର ଆଗମନ। ଏହି ଅମୃତ ଲଗ୍ନରେ ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବ ମୁଖରିତ ହୋଇଉଠିଛି ପୁରପଲ୍ଲୀ। ମାଆଙ୍କ ଆଗମନୀକୁ ନେଇସବୁ ପୂଜା ମଣ୍ଡପରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶନିବାର ଷଷ୍ଠୀ ତିଥି ଠାରୁ ବିଲ୍ୱବରଣରେ ଆରମ୍ଭ ହୋଇଛି ମାଙ୍କ ଶାରଦୀୟ ପୂଜା। ଚଳିତବର୍ଷ ସୁନ୍ଦରଗଡ ସହରରେ ବିଭିନ୍ନ ପୂଜା କମିଟି ତରଫରୁ ଶାରଦୀୟ ଦୁର୍ଗାପୂଜା ପାଳିତ ହେଉଛି। ସହରର ବସଷ୍ଟାଣ୍ଡ ଦୟାଧର୍ମଶାଳା ଦୁର୍ଗାପୂଜା କମିଟି ଚଳିତ ବର୍ଷ ୫୬ ତମ ବର୍ଷରେ ପଦାର୍ପଣ କରିଛି। ବିଗତ ଦୁଇବର୍ଷ କୋଭିଡ ମହାମାରୀ କଟକଣା କାରଣରୁ କେବଳ ବିଧିରକ୍ଷା ପାଇଁ ପୂଜା କରାଯାଇଥିବାବେଳେ ବର୍ତ୍ତମାନ କଟକଣା କୋହଳ ହୋଇଥିବାରୁ ଚଳିତ ବର୍ଷ ଆନନ୍ଦ ଉଲ୍ଲାସ ଓ ଧୁମଧାମରେ ପାଳନ କରାଯିବ ବୋଲି କମିଟିର କର୍ମକର୍ତ୍ତା କହିଛନ୍ତି। କମିଟିର ସଭାପତି ଭାବେ ଭବାନିପ୍ରସାଦ ମାଝି, ସମ୍ପାଦକ ବେଣୁମାଧବ ତ୍ରିପାଠୀ ଓ କୋଷାଧ୍ୟକ୍ଷ ସପନ କୁମାର ସେନ ଦାୟିତ୍ୱ ତୁଲାଉଥିବାବେଳେ ରଞ୍ଜିତ କୁମାର ସ୍ୱାଇଁ ଓ ଦିପକ କୁମାର ସୁନାନୀ ପ୍ରମୁଖ ସହଯୋଗ କରୁଛନ୍ତି। ଚଳିତବର୍ଷ ଆଲୋକ ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦେଇଥିବା ବେଳେ ମୂର୍ତ୍ତିଗୁଡିକରେ ମଧ୍ୟ ଏକ ଜୀବନ୍ତ ଛାପ ଛାଡିବାର ଚେଷ୍ଟା କାରିଗର କରିଛନ୍ତି। ବିଗତ ୫୪ ବର୍ଷ ଧରି କୋଲକାତାର ସ୍ୱର୍ଗତ ହିରେନ ଚନ୍ଦ୍ର ସୂତ୍ରଧରଙ୍କ ପରିବାର ମୂର୍ତ୍ତି ତିଆରି କରି ଆସୁଥିବାବେଳେ ଦୁଇବର୍ଷ ଆଗରୁ ୨୦୧୯ରେ ହିରେନ ଚନ୍ଦ୍ର ସୁତ୍ରଧରଙ୍କ ପରଲୋକ ଘଟିଥିବା ବେଳେ ବର୍ତ୍ତମାନ ହିରେନଙ୍କ ଭାଇ ତ୍ରିଗୁଣୀ ସୂତ୍ରଧର, ଫାଲଗୁନୀ ସୂତ୍ରଧର, ପୁଅ ତାରକନାଥ ସୂତ୍ରଧର ଓ ପୁତୁରାମାନେ ଏହି କାର୍ଯ୍ୟ ତୁଲାଇ ଆସୁଛନ୍ତି। ବାପାଙ୍କ ପରେ ଏହି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଏଭଳି ଆଗକୁ ମଧ କରିବୁ ବୋଲି ସ୍ୱର୍ଗତ ଶିଳ୍ପୀ ହରେନଙ୍କ ପୁଅ ତାରକନାଥ କହନ୍ତି। ପୂଜା କମିଟିର କର୍ମକର୍ତ୍ତା ଓ ସୁନ୍ଦରଗଡବାସୀଙ୍କ ସ୍ନେହ ଓ ଭଲ ପାଇବା ଆମକୁ ପ୍ରତିବର୍ଷ ସୂଦୂର କୋଲକାତା ପୁରଲିଆରୁ ଏଠାକୁ ମାଆଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ଟାଣି ହୋଇ ଚାଲି ଆସିଥାଉ ବୋଲି କହନ୍ତି ତାରକନାଥ। ସବୁଠାରୁ ବଡକଥା ହେଲା ଏହି ମଣ୍ଡପରେ ମେଢଗୁଡିକ କଟକର ଏକ ମୁସଲମାନ ପରିବାର ହୁସେନ ବକ୍ସ ତିଆରି କରି ଆସୁଛନ୍ତି। ଏହି ମଣ୍ଡପର ବିଶେଷତ୍ୱ ହେଲା ଏହାର ଅନ୍ନଭୋଗ ବଣ୍ଟନ, ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ ଖେଚୁଡି ଭୋଗ ଓ ଦଶମୀ ଦିନ ଦହି ପଖାଳ ଭୋଗ ଖାଇବାକୁ ବହୁ ଦୁର ଦୁରାନ୍ତର ଉପବାସ ଓ ବ୍ରତ ଧାରୀ ଅପେକ୍ଷା କରି ରହିଥାଆନ୍ତି। ଚଳିତ ବର୍ଷ ବଜେଟ ୧୮ ଲକ୍ଷ ଟଙ୍କା ରହିଥିବା କମିଟିର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।




ଦୟାଧର୍ମଶାଳା ଦୁର୍ଗାପୂଜା କମିଟିର ତୋରଣ। କାରିଗର ମୂର୍ତ୍ତି ତିଆରି କରୁଛନ୍ତି।

# ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ଲହୁଣୀପଡ଼ା

ଲହୁଣୀପଡ଼ା, ୧।୧୦(ଡି.ଏନ.ଏ.)

ଦୁର୍ଗାପୂଜା ପାଇଁ ଲହୁଣୀପଡ଼ା ଚଳଚଞ୍ଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ମହାମାରୀ କରୋନା କଟକଣା ଯୋଗୁ ବିଗତ ଦୁଇବର୍ଷ ବିନା ଭକ୍ତରେ ବିଧି ରଖିବା ପାଇଁ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। କିନ୍ତୁ ଚଳିତବର୍ଷ ଆଡମ୍ବର ସହକାରେ ଲହୁଣୀପଡ଼ାରେ ମା'ଦୁର୍ଗାଙ୍କର ପୂଜା ନୀତିକାନ୍ତି ଅନୁସାରେ ଅନୁଷ୍ଠିତ ହେବାର ବୃତାନ୍ତ ହୋଇଯାଇଛି। ଚଳିତ ବର୍ଷ ଅତି ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଲହୁଣୀପଡ଼ା ସଜେଇ ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଠାରୁ ବିଧିବଦ୍ଧ ଆଧାରରେ ବେଲବରଣ ପୂଜା ଆରମ୍ଭ ହୋଇଯାଇଛି। ଚଳିତବର୍ଷ ପଣ୍ଡିତ ଭାବେ ଗିରିଶ ପଣ୍ଡା, ଭୀଷ୍ମଦେବ ପଣ୍ଡା, ଶ୍ରୀନିବାସ ଅଧିକାରୀ ଦାୟିତ୍ୱ ତୁଲାଉଥିବା ବେଳେ ଶମ୍ଭୁ ରାୟ କର୍ତ୍ତା ଦାୟିତ୍ୱ ତୁଲାଉଥିବା ଜଣାପଡିଛି। ପ୍ରମୋଦ ସା, ଗଣେଶ ଚୌଧୁରୀ, ମୁକେଶ ରାୟ, ରଞ୍ଜିତ ଜୟସୱାଲ, ରାଜ କୁମାର ସା, ମୁନା ସା, ରାକେଶ ସା, ଅରୁଣ ସିଂ, ପ୍ରମୁଖ ଦୁର୍ଗା ପୂଜା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ଲହୁଣୀପଡ଼ାରେ ହୋଇଥିବା ସୁନ୍ଦର ତୋରଣ।

# ଗୋପିକିଶୋର ଆସୋସିଏଶନ ପକ୍ଷରୁ ରାହାଶ ଯାତ୍ରା ପ୍ରସ୍ତୁତି

ଦେବଗଡ଼,୧।୧୦(ଡି.ଏନ.ଏ)

ବିଗତ ବର୍ଷ ଭଳି ଚଳିତବର୍ଷ ମଧ ପବିତ୍ର ରାହାଶ ଯାତ୍ରା ଆୟୋଜନ ନିମନ୍ତେ ଭିତିରିଆସାହି ସ୍ଥିତ ଗୋପୀ କିଶୋର ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିରେନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗତବର୍ଷ ରାହାଶ ଯାତ୍ରା ସମ୍ପର୍କୀତ ସମସ୍ତ ଆୟବ୍ୟୟର ହିସାବ ଉପସ୍ଥାପନ କରିବା ସହ ବିଗତ ବର୍ଷଠାରୁ ଚଳିତବର୍ଷ ଅଧିକ ଯାକଯମକରେ ଏହି ଯାତ୍ର ଆୟୋଜନ ନିମନ୍ତେ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ଚଳିତ ବର୍ଷ ନିମନ୍ତେ କମିଟିର ନୂତନ କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ବିବେକାନନ୍ଦ ଦାସ , ଉପସଭାପତି ଭାବେ ସୁଶାନ୍ତ କୁମାର ନାୟକ, ସମ୍ପାଦକ ଭାବେ ବିକାଶ କୁମାର ନାୟକ, ସହ ସମ୍ପାଦକ ଭାବେ ବାଦଲ ଦାସ, କୋଷାଧ୍ୟକ୍ଷ ଭାବେ ସିକୁନ ନାୟକ ଓ ସହ କୋଷାଧ୍ୟକ୍ଷ ଭାବେ ଆଲୋକ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଭାବେ ରଂଜନ ଚୌଧୁରୀ, ସହ ସାଂସ୍କୃତିକ ସମ୍ପାଦକ ଭାବେ ମୋହନ ଦେହୁରୀ, ପୂଜା ମଣ୍ଡପ ସମ୍ପାଦକ ଭାବେ ବାଦଲ ନାୟକ ଓ ଅଙ୍କୁର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଉପଦେଷ୍ଟା ଭାବେ ବିରେନ ନାୟକ, ପ୍ରଦୀପ କୁମାର ଅମାନ୍ତ, କିଶୋର ଚନ୍ଦ୍ର ଦାସ, ନୃସିଂହ ସାହୁ, ସ୍ୱାଧିନ ଦାସ, ସୁଶାନ୍ତ ମହାନ୍ତି, ଭୋଳାନାଥ ଦାସ, ଅଜିତ ମୋଦୀ, ସୁଜିତ ପାତ୍ର, ଚିତ୍ତରଂଜନ ଦାସ, ରାଜକିଶୋର ସାହୁ, ଦୀପନ ନାୟକ ଓ ପ୍ରଫୁଲ୍ଲ ନାୟକଙ୍କୁ ମନୋନୀତ କରାଯାଇଥିଲା । ଏହି ବୈଠକରେ କ୍ଲବର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଜବାହାଲ ପଞ୍ଚାୟତରେ କଂକ୍ରିଟରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ

ଲେଫ୍ରିପଡା,୧।୧୦(ଡି.ଏନ୍.): ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ରାଜବାହାଲ ପଞ୍ଚାୟତରେ କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି । ରାଜବାହାଲ ଠାରୁ ଜୁନିଆନି ଯିବା ଘାଟି ରାସ୍ତାରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଏହି ନିର୍ମାଣ କାର୍ଯ୍ୟରେ କୌଣସି ସୂଚନା ଫଳକ ଦିଆଯାଇ ନାହିଁ । ସରକାରଙ୍କ ନିୟମାନୁଯାୟୀ କେଉଁ ପାଣ୍ଠିରୁ କେତେ ଅଟକଳ ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ କେଉଁ ବିଭାଗରୁ କାର୍ଯ୍ୟକାରୀ ହେଉଛି କାର୍ଯ୍ୟପ୍ରାରମ୍ଭରେ ସୂଚନା ଫଳକ ଉଲ୍ଲେଖ କରାଯିବା ପାଇଁ ପ୍ରାବଧାନ ରହିଥିବା ବେଳେ ଏଠାରେ ଖୋଲା ଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ମେଟାଲ ସହିତ ବିଭିନ୍ନ ଜଙ୍ଗଲୀ ପଥରକୁ କାର୍ଯ୍ୟକାରୀ କରି କମ ଅନୁପାତରେ ସିମେଣ୍ଟର ଭାଗ ମାପରେ ରାସ୍ତା ନିର୍ମାଣ କରାଯାଇଥିବା ଗଣମାଧମକୁ ସୂଚନା ଦେଇଛନ୍ତି । ରାଜବାହାଲ ପଞ୍ଚାୟତଟି ଏକ ଉପାନ୍ତ ଆଦିବାସୀ ଅଞ୍ଚଳ ରହିଥିବା ବେଳେ ଏହି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିଲେ ମଧ ଏହାର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ରାଜବାହାଲ ପଞ୍ଚାୟତରେ ସରକାରଙ୍କ ଏମଜିଏନଆରଇଜିଏ ଯୋଜନାରେ ଜମି ମରାମତି, ଏବଂ ରାସ୍ତା କାମରେ ବହୁ ମାତ୍ରାରେ ଦୁର୍ନୀତି ମାଡିଚାଲିଥିବା ବେଳେ ଏହାର କାର୍ଯ୍ୟାନୁଷ୍ଠାନ ଶୂନ ହେଉଛି । ତେଣୁ ଏ ଦିଗରେ ସ୍ଥାନୀୟ ଜିଲାପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଦାବି କରିଛନ୍ତି ।

# ବୃହତ୍ତ ସ୍ୱାସ୍ଥ୍ୟ ଶିବିର : ରୋଜଗାର ପାଇଁ ୬ ଭିନ୍ନକ୍ଷମଙ୍କୁ ଋଣ ପ୍ରଦାନ

ଦେବଗଡ଼୧।୧୦(ଡି.ଏନ.ଏ)

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ସ୍ଥାନୀୟ ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଶନିବାର ଏକ ବୃହତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଭିନ୍ନକ୍ଷମ ସଶକ୍ତିକରଣ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣୀଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ଅବସରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଇ, ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ହେମନ୍ତ କୁମାର ମହାପାତ୍ର ଓ ମାର୍କଣ୍ଡେଶ୍ୱର ଶତପଥି ପ୍ରମୁଖ ଯୋଗଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ଏବଂ ସହାୟକମାନଙ୍କ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଅବସରରେ ୬ ଜଣ ଭିନ୍ନକ୍ଷମଙ୍କୁ ଜୀବିକା ନିର୍ବାହ ନିମନ୍ତେ ସ୍ଥାନୀୟ ଏକ୍ସିସ ବ୍ୟାଙ୍କ ପକ୍ଷରୁ ୧୦ହଜାର ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଥିଲା। ଏକ୍ସିସ ବ୍ୟାଙ୍କର ଦେବଗଡ ଶାଖା ପରିଚାଳକ ସୌମ୍ୟ ପ୍ରକାଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ତଥା ବିଧାୟକ ପାଣିଗ୍ରାହୀଙ୍କ ଦ୍ୱାରା ଏହି ଋଣ ପ୍ରଦାନ କରାଯାଇଥିଲା।



## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନ୍ଦରଗଡ,୧।୧୦(ଡି.ଏନ.ଏ.)

ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ତଥା ସଦର ବ୍ଲକ ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆର ଶୁକ୍ରବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଶନିବାର ସଦର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ସୁଆରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ପ୍ରାରମ୍ଭିକ ପେନସନ କାଗଜପତ୍ର ପ୍ରଦାନ କରିଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଜେନାମଣି ନାଏକ ଓ ସୁଶାନ୍ତ କୁମାର ହୋତା,କର୍ମଚାରୀ ବିନୟ କୁମାର ନାଏକ, ଲିପିକା ପାଣ୍ଡେ, କୈଳାସ ପାତ୍ର, ଅମିତ ଖମାରୀ, ଅଶ୍ୱିନୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବରିଷ୍ଠ ନାଗରିକ ଦିବସ

ଦେବଗଡ଼, ୧।୧୦(ଡି.ଏନ.ଏ)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ବିଭାଗ ଅଧିନସ୍ଥ ନେହେରୁ ଯୁବକେନ୍ଦ୍ର ଓ ମାଝୀଚାକୁଣ୍ଡାପାଳ ଗ୍ରାମର ମହାବୀର କ୍ଲବ ଆନୁକୂଲ୍ୟରେ ବାରକୋଟ ବ୍ଲକ କାଉଁଶିବାହାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଶନିବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉଁଶିବାହାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ନମିତା ମାଝୀ, ପ୍ରକୃତି ବନ୍ଧୁ ଲଳିତ ମୋହନ ସାହୁ, ଆଇନଜୀବୀ ଟିକେଶ୍ୱର ଧଳ, ଆନନ୍ଦ ସେବା ସଦନର ସୁକାନ୍ତୀ ନାଏକ, ଦେବସ୍ମିତା ଭୋଇ ଓ ବିନୋଦିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆନନ୍ଦ ସେବା ମାର୍ଗ ୟୁନିଟ ଟ୍ରଷ୍ଟ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରକ୍ତଚାପ ଏବଂ ଅକ୍ସିଜେନ ସମେତ ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା । ଶେଷରେ ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ନର୍ମଦା ପ୍ରଧାନଙ୍କ ସମେତ ମହାବୀର କ୍ଲବର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ଗୁଜୁରୀବଣି ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ



ହକି ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ଦେବଗଡ,୧।୧୦(ଡି.ଏନ.ଏ)

ସ୍ଥାନୀୟ ପି.ଜି. କ୍ଲବ ପକ୍ଷରୁ ତିଳେଇବଣି ବ୍ଲକ ଗୁଜୁରୀବଣି ଗାଁରେ ଚାଲିଥିବା ୪ ଦିନିଆ ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅମ୍ପାୟାର ସୁଜିତ ଟପ୍ପୋ, ରୋଶନ୍ ମିଂଜ, ସଚିନ୍ ଟପ୍ପୋ, ସୁମିତ୍ ମିଂଜ, କିଶୋର କିଣ୍ଡୋ, ଦୀପକ ଖେସ୍ ଓ ଅମିତ୍ ବାର୍ଲା ପ୍ରମୁଖ ସମସ୍ତ ଖେଳକୁ ପରିଚାଳନା କରିଥିଲେ। କ୍ଲବ ଉପସଭାପତି କ୍ଲେମେଣ୍ଟ ଖେସ୍ ଓ ସହସମ୍ପାଦକ ସିଲବେଷ୍ଟ୍ରାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏ-ଗ୍ରୁପ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ କୁମୁଦପାଲି ହକି ଟିମ୍ ୮-୭ ଟ୍ରାଇବ୍ରେକର୍ ଗୋଲରେ ମୁଣ୍ଡଗୋହିରା ଗାନ୍ଧିଜୀ କ୍ଲବକୁ ତଥା ବି-ଗ୍ରୁପରେ ରିଆମାଳ ବ୍ଲକର ବି.କେ. ହକି କ୍ଲବ ୧-୦ ଗୋଲରେ ରଜାମୁଣ୍ଡା କିଙ୍ଗସ୍ କ୍ଲବକୁ ହରାଇ ଚଳିତବର୍ଷ ଚାମ୍ପିୟନ୍ ଟ୍ରଫି ହାସଲ କରିଥିଲେ। କ୍ଲବ୍ ସଭାପତି ସୁମିତ ମିଞ୍ଜ ଓ ସମ୍ପାଦକ ରୋଶନ୍ ମିଞ୍ଜଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଚର୍ଚ୍ଚ ପାର୍ଚାର୍ ହେରମନ ବାର୍ଲା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସେହିପରି ଅନୁଷ୍ଠିତ ଉଦଯାପନୀ ଦିବସରେ ବିଶିଷ୍ଟ କ୍ରୀଡା ସଙ୍ଗଠକ ପୃଥ୍ୱୀରାଜ ପଟ୍ଟନାୟକ ମୁଖ୍ୟଅତିଥି ତଥା ବଣିଆଁକିଲିଣ୍ଡା ସରପଞ୍ଚ ବୁଦ୍ଧଦେବ ଘଡେଇ, ଟିକେଶ୍ୱର ଘଡେଇ ଓ ନିର୍ବାହୀ ଅଧିକାରୀ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବାଲାସିୟୁସ୍ ମିଞ୍ଜ, ରାଜେଶ ବାର୍ଲା, ପ୍ରଶାନ୍ତ ଭାଖେଲ୍, ସମିର ଖେସ, କିଷନ କିଡୋ, ଆଶିଷ ଖେସ, ବିନୋଦ କିଡୋ, ଶ୍ରୀକାନ୍ତ ମିଞ୍ଜ, ଉତ୍ତମ ଖେସ, ରଞ୍ଜିତ୍ ମିଞ୍ଜ, ପିଟର୍ ଟପ୍ପୋ ଓ ଅମୃତ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା ରାମ-ରାବଣଙ୍କ ନଗରପରିକ୍ରମା

ହେମଗିର,୧।୧୦(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ପ୍ରସିଦ୍ଧି ଲାଭ କରିଥିବା ହେମଗିର ସାର୍ବଜନୀନ ଦୁର୍ଗାପୂଜାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶନିବାର ଷଷ୍ଠୀ ସନ୍ଧ୍ୟା ୬ଟା ସମୟରେ ବିଲ୍ୱବରଣ କରାଯିବା ସହିତ ରବିବାର କଳସ ଯାତ୍ରା ଅନୁଷ୍ଠିତ ହେବ। କରୋନା ଯୋଗୁ ଗତ ୨ବର୍ଷ ହେବ ମା ଦୁର୍ଗାଙ୍କ ପୂଜା ମହାଆଡମ୍ବରରେ ହୋଇ ନ ଥିବାବେଳେ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜାକମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଛି। ଏହି ବର୍ଷ ମଧ୍ୟ ଆକର୍ଷଣ ରହିଛି ରାମ ରାବଣଙ୍କ ନଗର ପରିକ୍ରମା ଓ ରାବଣ ପୋଡି ଉତ୍ସବ। ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପାରମ୍ପରିକ ଲୋକ ନୃତ୍ୟର ଆୟୋଜନ କରାଯାଇଛି। କମିଟି ସଭାପତି ସୁନୀଲ କୁମାର ଅଗ୍ରୱାଲା, ଉପସଭାପତି ଲଳିତ ବଗାର ଓ ପ୍ରମୋଦ ପତି, ସମ୍ପାଦକ ବରୁଣ ବହିଦାର, ସହ ସମ୍ପାଦକ ଆନନ୍ଦ କୁଆଁର ଓ ସୁକାନ୍ତ ମିଶ୍ର ସହଯୋଗ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ରାଜେନ୍ଦ୍ର ପଣ୍ଡା



@ ମନିଷ ମହାନ୍ତି



@ ନୀତେନ ବେହେରା



@ ଜୟନ୍ତ ମେହେର



@ ସୁନୀଲ ମହାନନ୍ଦିଆ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ପଠାନ୍ତୁ।

## ସଂକ୍ଷେପରେ

### ଏନ୍‌ୱାଇକେ ପକ୍ଷରୁ ଜିଲାସ୍ତରୀୟ ଯୁବଉତ୍ସବ

**ସମ୍ବଲପୁର,୧।୧୦(ବ୍ୟୁରୋ):** ନେହେରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ପକ୍ଷରୁ ଜିଲାସ୍ତରୀୟ ଯୁବଉତ୍ସବ ଓ ଯୁବସମ୍ବାଦ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଜିଲା ଅଧିକାରୀ ମାରିଆନୁସ ବିଲୁଙ୍ଗଙ୍କ ପରିଚାଳନାରେ ହୋଇଥିବା ଉତ୍ସବରେ ସଦର ଉପଜିଲାପାଳ ପ୍ରଭାସ ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ, ଆଦର୍ଶ ଅନୁଷ୍ଠାନ ସମ୍ପାଦକ ପ୍ରଦୀପ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରାଙ୍କନ, କବିତା ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫଟୋଗ୍ରାଫି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡ. ସତ୍ୟନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର ଏନ୍‌ଏସ୍‌ଏସ୍ ଡିପିଓ ଡ. ବିଶ୍ୱମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ରଞ୍ଜିତ କୁମାର ନାଗ, ମୋତିଲାଲ ଦୋରା, ସୂର୍ଯ୍ୟ ପାଣିଗ୍ରାହୀ, ସୁନୀତା ପଣ୍ଡା, ପ୍ରଫେସର ଗିରିଜା ଶଙ୍କର ଶର୍ମା, କରୁଣାକର ଶତପଥୀ, ଆଶିଷ ପ୍ରଧାନ, ସୁବ୍ରତ ନାଥ, ଡ. ସତ୍ୟନାରାୟଣ ଚୌଧୁରୀ ବିଚାରକ ଭାବେ ଯୋଗ ଦେଇଥିଲେ।

### ଛାତ ଉପରେ ସୌରଶକ୍ତି କାର୍ଯ୍ୟକ୍ରମ

**ସମ୍ବଲପୁର,୧।୧୦(ବ୍ୟୁରୋ):** ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଛାତ ଉପରେ ସୌରଶକ୍ତି ଉତ୍ପାଦନ କାର୍ଯ୍ୟକ୍ରମ ସମଗ୍ର ଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହିକ୍ରମରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରି ସମସ୍ତ ଯନ୍ତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛି। କମ୍ପାନୀ ଯନ୍ତ୍ରପାତି ସ୍ଥାପନ ଓ ତା'ର ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ଜ୍ଞାନ ଥିବା ସଂସ୍ଥାଗୁଡ଼ିକ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ସୌରଶକ୍ତି ଉତ୍ପାଦନ ନିମନ୍ତେ ବାସଗୃହ, ସରକାରୀ/ବ୍ୟବସାୟିକ ସଂସ୍ଥାମାନେ ମଧ ଲଗାଇପାରିବେ। ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲେ ସୂଚନା ଦେଇ କହିଛନ୍ତି, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ଉପଭୋକ୍ତାଙ୍କୁ ରିହାତି ପ୍ରଦାନ କରାଯିବ। ଏହା ଅତିଶୀଘ୍ର କମ୍ପାନୀର ୱେବ୍‌ସାଇଟରେ ପ୍ରକାଶ କରାଯିବ। ଏହା ଦ୍ୱାରା ବହୁ ପରିମାଣରେ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ କରାଯାଇପାରିବ। ଏହି କାର୍ଯ୍ୟକ୍ରମ ଏକସଙ୍ଗରେ ୫ଟି ମଣ୍ଡଳ ଯଥା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାଉରକେଲାରେ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ।

### ବରିଷ୍ଠ ନାଗରିକ ସମ୍ମାନିତ

**ଖଡ଼ିଆଲ,୧।୧୦(ଡି.ଏନ.ଏ):** ଶନିବାର ବରିଷ୍ଠ ନାଗରିକ ଦିବସ ନୂଆପଡ଼ା ଜିଲା ଖଡ଼ିଆଲରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଖଡ଼ିଆଲ ନିର୍ବାଚନମଣ୍ଡଳୀର ୧୦୦ ବର୍ଷରୁ ଅଧିକ ବର୍ଷୀୟାନ ନାଗରିକଙ୍କୁ ଖଡ଼ିଆଲ ବିଡ଼ିଓ ନାରାୟଣ ସାହୁ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ମୋଟ ୧୨ଜଣ ଶତାୟୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଡ଼ିଆଲ ଏନଏସିର ବୁଥ ନମ୍ବର ୭୯ ୱାର୍ଡ ନମ୍ବର ୪ର ୧୦୦ବର୍ଷ ବୟସ ହୋଇଥିବା ଜଣେ ମହିଳା ବରିଷ୍ଠ ନାଗରିକଙ୍କୁ ତାଙ୍କ ଘରକୁ ଯାଇ ସମ୍ମାନ ପ୍ରଦାନ କରିଛନ୍ତି।

# ପାନ୍ଥନିବାସରେ ଏସ୍‌ଟିପି ଅଚଳ

**ସମ୍ବଲପୁର,୧।୧୦(ବ୍ୟୁରୋ)**

- ସୁପାରିସରେ ଲାଗିଥିଲା
- ମରାମିତି ପାଇଁ ଚିଠି କରାଯାଇଛି: କର୍ତ୍ତୃପକ୍ଷ

ପ୍ରଦୂଷଣ ନିୟମ ପାଳନ କରିବାକୁ ସରକାରଙ୍କ କଡା ନିୟମ ରହିଛି। ଏହାର ତଦାରଖ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗଠନ କରାଯାଇଛି। ହେଲେ ସମ୍ବଲପୁରର ଖୋଦ ଏକ ସରକାରୀ ଅନୁଷ୍ଠାନ ପାନ୍ଥନିବାସରେ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ଅଚଳ ପଡିଥିବା ଅଭିଯୋଗ ହେଉଛି। ଏହା ଚାରିପାଖରେ ଅନାବନା ଗଛଲଟା ମାଡି ସ୍କ୍ରାପ ଭଳି ପଡିରହିଛି। ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବା ବେଳେ ପାଇପ୍‌ଗୁଡିକ ନଷ୍ଟ ହେବାକୁ ବସିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଏସ୍‌ଟିପି ଲଗାଯାଇଥିଲା। ହେଲେ କିଛିଦିନ ପରେ ବନ୍ଦ ପଡିଥିବା ଜଣେ କର୍ମଚାରୀ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଏସ୍‌ଟିପିରେ ଏସ.ଜେ. ଏନଭାଇରନମେଣ୍ଟାଲ ସୋଲେସନ କମ୍ପାନୀ ନାମ ରହିଛି। ପ୍ରଦୂଷଣ ବିଭାଗର ଜଣେ ପୂର୍ବତନ ଉଚ୍ଚପଦସ୍ଥ ଅଧିକାରୀଙ୍କ ସୁପାରିଶରେ




ସମ୍ବଲପୁର ପାନ୍ଥନିବାସ ପରିସରରେ ଥିବା ଏସ୍‌ଟିପି ।

ପାନ୍ଥ ନିବାସରେ ଏହି ଏସ୍‌ଟିପି ଲାଗିଥିଲା। କେବଳ ସମ୍ବଲପୁର ନୁହେଁ, ରାଜ୍ୟର ଅନ୍ୟ ପାନ୍ଥନିବାସ ଓ ସରକାରୀ ଅନୁଷ୍ଠାନରେ ମଧ ଏହି କମ୍ପାନୀ ଏସ୍‌ଟିପି ଲଗାଇଛି। ନିମ୍ନମାନର ହୋଇଥିବାରୁ କିଛିମାସ ପରେ ଏହା ଅଚଳ ହୋଇ ପଡି ରହିଛି ବୋଲି କହିଥିଲେ। ସମ୍ବଲପୁରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଫିସ ରହିଛି। ହେଲ ଉକ୍ତ ବିଭାଗର ଅଧିକାରୀମାନେ ଏଭଳି ସରକାରୀ ଅନୁଷ୍ଠାନ ଉପରେ ଚଢାଉ କରୁନାହାନ୍ତି। ନିୟମ ଦୃଷ୍ଟିରୁ ପାନ୍ଥନିବାସରେ ଏସ୍‌ଟିପି ସବୁ ସମୟରେ କାର୍ଯ୍ୟକ୍ଷମ ରହିବା କଥା। ପାନ୍ଥନିବାସରେ ରହିବା ବ୍ୟବସ୍ଥା ସହ ବିଦେଶୀ ମଦ ବାର, ବଡ କିଚେନ ଓ ମିଟିଂ ହଲ ଆଦି ରହିଛି। ପ୍ରତିଦିନ ପ୍ରାୟ ହଜାର ଲିଟର ପାଣିର ଆବଶ୍ୟକ ରହୁଛି। ବ୍ୟବହାର ହେଉଥିବା ପାଣିକୁ ଏସ୍‌ଟିପିରେ ବିଶୋଧନ କରିବା ପରେ ଡ୍ରେନ୍‌କୁ ଛଡାଯାଉଛି। ଡ୍ରେନ୍ ପାଣି ପୁଣି ମହାନଦୀରେ ଯାଇ ମିଶୁଛି। ତେଣୁ ମହାନଦୀ ପାଣି ବ୍ୟବହାର କରୁଥିବା ଲୋକମାନଙ୍କୁ ଅଜଣା ରୋଗ ହେବାର ଆଶଙ୍କା ରହୁଛି। ବାହାରୁଥିବା ପାଣି ଟ୍ରିଟ୍‌ମେଣ୍ଟ ନ ହେବା ଫଳରେ ଦୁର୍ଗନ୍ଧ ବାହାରୁଛି। ଏହାକୁ ନେଇ ପାନ୍ଥନିବାସରେ ରହୁଥିବା ଓ ଯାଉଥିବା ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପାନ୍ଥନିବାସ ମ୍ୟାନେଜର ଦେବାଶିଷ ମିଶ୍ର କହିଛନ୍ତି, ମୋର ଯୋଗଦାନ ପୂର୍ବରୁ ଏହି ଏସ୍‌ଟିପି ଲଗାଯାଇଥିଲା। ମରାମତି ପାଇଁ କମ୍ପାନୀ ସହିତ ଚୁକ୍ତି ହୋଇଛି। ଏଥିପାଇଁ କମ୍ପାନୀକୁ ଚିଠି ମଧ କରାଯାଇଛି। ଏସ୍‌ଟିପି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇନାହିଁ। ଏଥିପାଇଁ ଟେକ୍‌ନିସିଆନ ରହିଛନ୍ତି। ସେମାନେ ଆସିଲେ ଚାଲୁ କରନ୍ତି ବୋଲି କହିଥିଲେ। ପ୍ରଦୂଷଣ ବିଭାଗ ଅଧିକାରୀ ସତ୍ୟନାରାୟଣ ନନ୍ଦ କହିଛନ୍ତି, ଏସ୍‌ଟିପି ଚଳାଇବା ନିହାତି ଆବଶ୍ୟକ। ଘଟଣାସ୍ଥଳ ପରିଦର୍ଶନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଜେଡିର ଦାବିପତ୍ର

**କୁଚିଣ୍ଡା,୧।୧୦(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ୨୦୨୧ଖରିଫ ଧାନ ଫସଲ ମରୁଡି ଯୋଗୁ ପ୍ରଧାନମନ୍ତ୍ରୀ ଫସଲବୀମା ଶୀଘ୍ର ଦେବାକୁ କୁଚିଣ୍ଡା ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ କୁଣ୍ଡଳାକାର ଶିବ ମନ୍ଦିରଠାରୁ ଶତାଧିକ ବିଜେଡି କର୍ମୀ ଓ ଚାଷୀ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫସଲ ହାନି ହୋଇଥିବା ଓ କ୍ରପ କଟିଂ ରିପୋର୍ଟ ଆଧାରରେ କୁଚିଣ୍ଡା ଉପଖଣ୍ଡର ୪ଗୋଟି ପଞ୍ଚାୟତ ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ମିଳିସାରିଛି। ହେଲେ ପ୍ରଭାବିତ ଅନ୍ୟ ପଞ୍ଚାୟତଗୁଡିକୁ ଶୀଘ୍ର ବୀମା ପ୍ରଦାନ ପାଇଁ ପ୍ରଦତ୍ତ ଦାବିରେ ଉଲ୍ଲେଖ କରାଯାଇଛି। ଏହି ଆନ୍ଦୋଳନରେ ସମ୍ବଲପୁର ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଜେଡି ଜିଲା ଉପସଭାପତି ପ୍ରଦୀପ ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଓ ଚାଷୀ ଯୋଗଦେଇଥିଲେ।




ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଲ୍ୱବରଣ, କଳସଯାତ୍ରା ନୀତି ସମ୍ପନ୍ନ

**ସମ୍ବଲପୁର,୧।୧୦(ବ୍ୟୁରୋ)**

ପୂର୍ବଭାରତର ପ୍ରମୁଖ ଶକ୍ତିପୀଠ ଭାବେ ଐତିହାସିକ ସମ୍ବଲପୁର ସହର ସ୍ୱତନ୍ତ୍ର ପରିଚୟ ବହନ କରୁଛି। ମନ୍ଦିର ପ୍ରତିଷ୍ଠା ଦିନରୁ ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶା ଓ ପଡ଼ୋଶୀ ଛତିଶଗଡ଼ର ଭକ୍ତମାନେ ଇଷ୍ଟଦେବୀ ସମଲେଇଙ୍କୁ ଆରାଧନା କରିଆସୁଛନ୍ତି। ପରମ୍ପରାନୁସାରେ ଶାରଦୀୟ ଦଶହରା ଓ ଚୈତ୍ର ନବରାତ୍ରରେ ଶକ୍ତି ଉପାସନା କରାଯାଇଥାଏ। ଦଶହରା ନବରାତ୍ର ଅଷ୍ଟମୀ ତିଥିରେ ଡାଲଖାଇ, କୋଠିପୂଜା ଓ ଭାଇଜିଉଁତିଆ ବ୍ରତ କରାଯାଇଥାଏ। କେଉଁ ଆବାହନ କାଳରୁ ପ୍ରଚଳିତ ଏହି ପରମ୍ପରା ବର୍ତ୍ତମାନ ପର୍ଯ୍ୟନ୍ତ ଅତୁଟ ରହିଛି। ସମ୍ପ୍ରତି ସମ୍ବଲପୁର ସହର କଳେବର ବୃଦ୍ଧି ହୋଇଛି। ସହରର ଧୁରୁରାପଡ଼ା, ସାକ୍ଷୀଗୋପିନାଥ ପଡ଼ା, ଜିଲାସ୍କୁଲ ଛକ, ଠେଲକୋପଡ଼ା ସୁଇମିଙ୍ଗପୁଲ ଛକ, ମହାନ୍ତିପଡ଼ା, ପଟ୍ଟନାୟକପଡ଼ା, ଆମ୍ବେଦନଗର ଛକ, ଲକ୍ଷ୍ମୀଟକିଜ ଛକ, ଧନୁପାଲି, ଗୋବିନ୍ଦଟୋଲା, ଧନକଉଡ଼ା, ସିନ୍ଦୁରପଙ୍କ, ଡୁଙ୍କୁପଡ଼ା, ଅଇଁଠାପାଲି, କୁଞ୍ଜେଲପଡ଼ା, ବଡ଼ବଜାର ବଙ୍ଗାଳିପଡ଼ା, ଚେରୁଆପଡ଼ା ଛକ, ଫାଟକ-ବୁଢ଼ାରଜା,

**ସମଲେଇଙ୍କ ଖଣ୍ଡାଧୂଆ ପର୍ବ, ଭାଇ ଜିଉଁତିଆ ଆଜି**



ଗୋଲବଜାର ଛକରେ ଭାଇଜିଉଁତିଆ ହାଟରେ ଭିଡ଼।

ନନ୍ଦପଡ଼ା, ଖାଡୁଆପଡ଼ା, ଦଲେଇପଡ଼ା, ହାଟପଡ଼ା, ଜେଲଛକ, ଗୋପାଳମାଲ, କାଳିବାଡ଼ି ପ୍ରଭୃତି ଅଞ୍ଚଳରେ ଦୁର୍ଗାପୂଜା ହେଉଛି। ଶନିବାର ବିଭିନ୍ନ ଦୁର୍ଗାପୂଜା କମିଟି ପରମ୍ପରାନୁସାରେ ଷଷ୍ଠୀ ତିଥିରେ ବିଲ୍ୱବରଣ ଓ କଳସ ଯାତ୍ରା ନୀତି କରିଛନ୍ତି। ସେହିପରି ଶକ୍ତିପୀଠଗୁଡ଼ିକରେ ସପ୍ତମୀ ପୂଜା ହୋଇଛି। ରବିବାର ସମଲେଶ୍ୱରୀଙ୍କ ଖଣ୍ଡାଧୁଆ ନୀତି ଓ ସନ୍ଧିପୂଜା ଏବଂ ବିଭିନ୍ନ ପୂଜାମଣ୍ଡପରେ ପଶ୍ଚିମ ଓଡ଼ିଶାର ଅନନ୍ୟ ପରମ୍ପରା ଭାଇଜିଉଁତିଆ ବ୍ରତ ପାଳନ କରାଯିବ। ସମ୍ବଲପୁର ସହରର ଗୋଲବଜାର ସମେତ ବିଭିନ୍ନ ଛକ, ରାଜରାସ୍ତାର ଉଭୟ ପାର୍ଶ୍ୱରେ ଭାଇଜିଉଁତିଆ ହାଟରେ ପୂଜା ସାମଗ୍ରୀ, ଶାଢ଼ି କିଣିବାକୁ ଭଉଣୀ ଓ ମାଆମାନଙ୍କ ଭିଡ଼ ଲାଗିଥିଲା।

## ଏସ୍‌ଏମ୍‌ସିରେ ସଫେଇ କାର୍ଯ୍ୟ ବନ୍ଦ କଲେ ଗାଡ଼ି ମାଲିକ

**ସମ୍ବଲପୁର,୧।୧୦(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମରେ ସଫେଇ କରୁଥିବା ଟ୍ରାକ୍ଟର ଓ ଅନ୍ୟ ଗାଡ଼ି ମାଲିକ ଶନିବାର କାର୍ଯ୍ୟବନ୍ଦ କରି କମିଶନର ପ୍ରଦୀପ କୁମାର ସାହୁଙ୍କ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପ୍ରାୟ ୧୦ବର୍ଷ ହେଲା ସଫେଇ କାର୍ଯ୍ୟରେ ଟ୍ରାକ୍ଟରଗୁଡ଼ିକ ନିୟୋଜିତ ରହିଥିଲା। ଏଥିରେ ୨୫ଜଣ ମାଲିକଙ୍କ ସମେତ ଶତାଧିକ ଶ୍ରମିକଙ୍କ ପେଟପାଟଣା ଚାଲୁଥିଲା। ଏବେ ଏହି ସଫେଇ କାମ ପାଇଁ ସରକାରୀ ସ୍ତରରେ ଟେଣ୍ଡର ହୋଇଛି। ଏକ ବଡ଼ କମ୍ପାନୀ ଏହି କାମ ଟେଣ୍ଡର ମାଧମରେ ପାଇଛି। ଉକ୍ତ କମ୍ପାନୀ ମେଶିନ ସାହାଯ୍ୟରେ କାମ କରିବା ସହ ୮ଟି ନିଜସ୍ୱ ଟ୍ରାକ୍ଟର ବ୍ୟବହାର କରିବାକୁ ଯୋଜନା କରିଛି। ଏହା ଦ୍ୱାରା ଦୀର୍ଘଦିନ ଧରି କାମ କରିଆସୁଥିବା ଗାଡ଼ିଗୁଡ଼ିକ ଏବେ ବାହାର କରିଦିଆଯିବ। ଏ ଦିଗରେ ମହାନଗର ନିଗମ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଶ୍ୟାମ ସୁନ୍ଦର ବାରିକ୍, ସମୀର ରଞ୍ଜନ ବାବୁ, ସଲୀଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଅନୀଲ ପାତ୍ର, ଉଦୟନାଥ ବହିଦାର ଉପସ୍ଥିତ ଥିଲେ ।

# ବାଣିଜ୍ୟ ମେଳା ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ,୧।୧୦**

ଟାଉନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ବାଣିଜ୍ୟ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ଝାରସୁଗୁଡ଼ା ପୌରାଧକ୍ଷ ରାନୀ ହାତୀ, ଉପାଧକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂଜା କମିଟି ସଭାପତି ସୁଦାମ ପଣ୍ଡା ସୂଚନା ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ସରକାର ମଞ୍ଚ ପରିଚାଳନା କରିଥିଲେ। କମିଟି ସଦସ୍ୟ ନନ୍ଦଲାଲ ପଟେଲ, ଶଶୀ ତିୱାରୀ, ଜୟ ପ୍ରକାଶ କୁଅଁର, ତୁଳସୀ ପ୍ରସାଦ ଦାଶ, ଅଲିପ ଭୌମିକ, ଦିପକ ଭୌମିକ ସହଯୋଗ କରିଥିଲେ।



ବାଣିଜ୍ୟ ମେଳାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ଠେଲକୋଲୋଇ ଥାନା ଘେରିଲେ ପଞ୍ଚାୟତବାସୀ

**ରେଙ୍ଗାଲି,୧।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ତଲାବିରା ୨ ଓ ୩ କୋଇଲା ଖଣିରେ ଏନଏଲସି କମ୍ପାନୀ କୋଇଲା ଖନନ କରୁଛି। ଏହାର ପରିବହନ ବିଭିନ୍ନ ଟ୍ରାନ୍ସପୋର୍ଟର ଦ୍ୱାରା କରାଯାଉଛି। ପ୍ରତିଦିନ ହଜାର ସଂଖ୍ୟାରେ ଗାଡ଼ି ଖୁଣ୍ଡା ଛକରେ ଛିଡ଼ା ହୋଇ ଟ୍ରାଫିକ ଜାମ କରୁଛନ୍ତି। ଏହାର ସମାଧାନ ଦାବିରେ ଶନିବାର ଖୁଣ୍ଡା ପଞ୍ଚାୟତବାସୀ ଠେଲକୋଲୋଇ ଥାନା ଘେରାଉ କରିଥିଲେ। ଥାନା ଅଧିକାରୀ ବି.ବି. ମିଶ୍ର ଆଲୋଚନା କରି ୬ତାରିଖ ପରେ କମ୍ପାନୀ ଅଧିକାରୀ, ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ କରାଯାଇ ସମାଧାନ ପାଇଁ



ଥାନାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଖୁଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ, ସମିତସଭ୍ୟା ଅନୀତା ସିଂଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଥାନା ଘେରାଉ କରିଥିଲେ।

# ଶିଶୁବିକାଶ ବିଦ୍ୟାମନ୍ଦିରରେ ବିଜୟ ଉତ୍ସବ

**ଝାରସୁଗୁଡ଼ା ଅଫିସ୍,୧।୧୦**

ଗତ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱର ଜୟଦେବ ଭବନଠାରେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଓଡିଶାଙ୍କ ସ୍ୱର୍ଣ୍ଣକ୍ଷେତ୍ର ଅବସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଜିଲାରୁ ୧୨୭ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମୁଦାୟ ୩୦ପୁରସ୍କାର ମଧ୍ୟରୁ ଝାରସୁଗୁଡା ପଞ୍ଚପଡା ଶିଶୁବିକାଶ ବିଦ୍ୟାମନ୍ଦିର ୭ ପୁରସ୍କାର ପାଇଛି। ବିଦ୍ୟାଳୟ ତରଫରୁ ଶନିବାର ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡା ବ୍ଲକ୍ ଶିକ୍ଷାଧିକାରୀ ଯଶୋବନ୍ତ ସାହୁ ମୁଖ୍ୟଅତିଥି, ସିଆର୍‌ସିସି ସୂର୍ଯ୍ୟନାରାୟଣ ପଟେଲ, ପୂର୍ବତନ କାଉନସିଲର ପ୍ରତାପ କୁମାର ନନ୍ଦ,ଖବରଦାତା ମେହେବୁବ ମହତାବ, ଭାଗୀରଥି ସାହୁ, ସାମାଜିକ କର୍ମୀ ସନ୍ତୋଷ କୁମାର ରକ୍ସା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରେଷ୍ଠ କଳାକାର ଛାତ୍ରୀ ସାଇକ୍ରିଷ୍ଣା ମାଝି,ଶ୍ରେଷ୍ଠ ଶୃଙ୍ଖଳିତ ପ୍ରତିଯୋଗୀ ଛାତ୍ର ଓମ୍ କୁମାର ରକ୍ସା, ସିନିୟର୍ ନୃତ୍ୟ ବିଭାଗରେ ଲଭ୍‌ଲି ପଟେଲ,ସୃଷ୍ଟି ସିଂହ,ଆରୋହୀ ରାୟ,ଶ୍ରୀୟା ବେହେରା ପ୍ରମୁଖ ଶ୍ରେଷ୍ଠ ନୃତ୍ୟଦଳ ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ପ୍ରଶିକ୍ଷକ ଓ ସାହିତ୍ୟ ଲେଖକ ଭାବେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝି, ସଙ୍ଗୀତରେ ବିଦ୍ୟାଳୟ ଗୁରୁମା ଇପ୍ସିତା ସେଠ୍, ଶ୍ରେଷ୍ଠ ଶିଶୁ ବିକାଶ ବିଦ୍ୟାଳୟ ଭାବେ ପଞ୍ଚପଡା ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

# ବିଭିନ୍ନ ଦାବି ନେଇ ହୀରାକୁଦ ବିସ୍ଥାପିତଙ୍କ ଧାରଣା

**ସମ୍ବଲପୁର,୧।୧୦(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଡ୍ୟାମ୍ ବିସ୍ଥାପିତମାନେ ବିଭିନ୍ନ ଦାବି ନେଇ ଶନିବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ଉପଜିଲାପାଳ ଉମାକାନ୍ତ ରାଜ, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ରେଙ୍ଗାଲି ଓ ସଦର ତହସିଲଦାର ଅନଶନ ସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କ ସହ ବିସ୍ଥାପିତ କଲ୍ୟାଣ ସମିତି ଅଧକ୍ଷ ଶୈଳବାଳା ପ୍ରଧାନ, ଅନ୍ତର୍ଯାମୀ ପାଢ଼ୀ, କୃଷ୍ଣଦଳାଇ ପ୍ରଧାନ, ପ୍ରଫୁଲ୍ଲ କୁମାର ବକ୍ସି, ଲୋକନାଥ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ। ପ୍ରତିମାସରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଉପଯୁକ୍ତ ୫୦ ବିସ୍ଥାପିତ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେମାନେ ଅଭିଯୋଗ କରିଥିଲେ,




ଜିଲାପାଳ ଅଫିସ ସମ୍ମୁଖରେ ହୀରାକୁଦ ବିସ୍ଥାପିତଙ୍କ ଧାରଣା ।

ହୀରାକୁଦ ଡ୍ୟାମକୁ ୬୫ବର୍ଷ ପୁରିଯାଇଛି। ହେଲେ ବିସ୍ଥାପିତଙ୍କ ସମସ୍ୟା ସମାଧାନ ହୋଇନାହିଁ। ସରକାର ବିଳମ୍ବରେ ବିସ୍ଥାପିତଙ୍କୁ ୧୦ ଡେସିମିଲ ଲେଖାଏ ଜମିପଟ୍ଟା ଦେବାପାଇଁ ଘୋଷଣା କରିଥିଲେ। ହେଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଘରଡିହ ପଟ୍ଟା ପ୍ରଦାନ, ୧୯ଗୋଟି ଅଣରାଜସ୍ୱ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ଝାଙ୍କର, ଚୌକିଦାର, ଧୋବା, ଭଣ୍ଡାରି ଓ ନରୀହାଙ୍କୁ କ୍ଷତିପୂରଣ, ପଟ୍ଟା ପାଇଥିବା ବିସ୍ଥାପିତଙ୍କୁ ଜମି ଚିହ୍ନଟ ଦେବା ଭଳି ଦାବି ରହିଥିଲା।

# କ୍ଷତିପୂରଣ ଦାବିରେ ହସ୍ପିଟାଲରେ ପରିବାରଙ୍କ ଧାରଣା

**ଝାରସୁଗୁଡ଼ା ଅଫିସ,୧।୧୦**

ଝାରସୁଗୁଡ଼ା ଜିଲା ବେଲପାହାଡ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀର ଡୋଲୋମାଇଟ୍ ପ୍ରକଳ୍ପରେ କାର୍ଯ୍ୟରତ ଅଧିକାରୀ ସୁବିର ବାରିକ(୩୧)ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ କ୍ଷତିପୂରଣ ଦାବିରେ ସେମାନେ ଶନିବାର ସକାଳ ୮ଟାରୁ କମ୍ପାନୀ ହସ୍ପିଟାଲ୍‌ରେ ମୃତଦେହ ରଖି ଧାରଣାରେ ବସିରହିଛନ୍ତି। ଏ ନେଇ ମୃତକଙ୍କ ସ୍ତ୍ରୀ ବୈଶାଖୀ କମ୍ପାନୀର ଭିପିସିଏସ୍‌ଙ୍କ ନିକଟରେ ଏକ ଲିଖିତ ଦାବି କରିଛନ୍ତି।

ଏଥିରେ ସେ ୨ସନ୍ତାନଙ୍କୁ ମାଗଣା ଶିକ୍ଷାଦାନ, ଯୋଗ୍ୟତା ଅନୁସାରେ ତାଙ୍କୁ ଚାକିରି ସହିତ ୫୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବି କରିଛନ୍ତି।




କମ୍ପାନୀ ହସ୍ପିଟାଲ୍‌ରେ ଧାରଣାରେ ବସିଥିବା ମୃତକଙ୍କ ପରିବାର ଲୋକେ।

ଆନ୍ଦୋଳନକାରୀଙ୍କ ସହ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା ଚଳାଇଛନ୍ତି। କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ମହାନ୍ତି କହିଛନ୍ତି, ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏହାର ତଦନ୍ତ ହେବ। ତଦନ୍ତ ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ।

**ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମୃତ୍ୟୁ ଅଭିଯୋଗ**

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗତ ଗୁରୁବାର ଅଧିକାରୀ ବାରିକଙ୍କ ଦେହ ଅସୁସ୍ଥ ହେବାରୁ ସେମାନେ ତାଙ୍କୁ କମ୍ପାନୀ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ ମୃତ ଅଧିକାରୀ ଡୋଲୋମାଇଟ୍ ପ୍ରକଳ୍ପରେ ସିପ୍ଟ ଇନ୍‌ଚାର୍ଜ ଭାବେ କାମ କରୁଥିଲେ । ତାଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ପରିବାର ନେଇ ସ୍ଥାନୀୟ ମହୁଲପଡାରେ ରହୁଥିଲେ। ତାଙ୍କର ସ୍ତ୍ରୀ ସହ ଝିଅ ଓ ପୁଅ ଅଛନ୍ତି।

# ଆଇଆଇଏମ୍-ଟିଏସ୍‌ଏଲ୍ ମିଲେନିୟମ ପୁରସ୍କାର ପାଇଁ ଅତନୁ ମନୋନୀତ

ରାଉରକେଲା ଅଫିସ,୧।୧୦

ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଟାଲ୍ସରୁ ସମ୍ମାନଜନକ ଆଇଆଇଏମ୍-ଟିଏସଏଲ ନ୍ୟୁ ମିଲେନିୟମ୍ ପୁରସ୍କାର ପାଇବା ପାଇଁ ମନୋନିତ ହୋଇଛନ୍ତି। ନଭେମ୍ବର ୧୪ ତାରିଖରେ ହାଇଦ୍ରାବାଦରେ ଆୟୋଜିତ ହେବାକୁ ଥିବା ଆଇଆଇଏମ୍ ପୁରସ୍କାର କାର୍ଯ୍ୟକ୍ରମରେ ଏହି ପୁରସ୍କାର ତାଙ୍କୁ ପ୍ରଦାନ କରାଯିବ। ରାଉରକେଲା ଇସ୍ପାତ କାରଖାନା ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗରେ କାର୍ଯ୍ୟ କରିବାର ପ୍ରାୟ ୨୯ ବର୍ଷର ଅଭିଜ୍ଞତା ରହିଥିବା ଭୌମିକଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ ଟେକ୍ନୋଲୋଜିରେ ଦେଶର ଅନ୍ୟତମ ପ୍ରମୁଖ ବୈଷୟିକ ବିଶେଷଜ୍ଞ ଭାବେ ବିବେଚନା କରାଯାଏ।


ଅତନୁ ଭୌମିକ

# ଓକିଲ ସଂଘ କାର୍ଯ୍ୟାଳୟ ପରିଦର୍ଶନ କଲେ ହାଇକୋର୍ଟ ବିଚାରପତି

ରାଉରକେଲା ଅଫିସ,୧।୧୦

ଓଡିଶା ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର ଶନିବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ବିଚାରପତି ମହାପାତ୍ର ରାଉରକେଲା କୋର୍ଟର ଜୁଡିସିଆରି ବିଲ୍‌ଡିଂ ଓ ସଂଘ କାର୍ଯ୍ୟାଳୟକୁ ବୁଲି ଦେଖିଥିଲେ। ସେ ନୂତନ କୋର୍ଟ ପରିସରରେ ନିର୍ମାଣ ହେଉଥିବା ମଡେଲ ବିଲ୍‌ଡିଂ ବୁଲି ଦେଖିବା ସହ କୋର୍ଟ ପରିସରରେ ବୃକ୍ଷରୋପଣ କରିଥିଲେ। ପରେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମଧୁବାବୁଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଘର କର୍ମକର୍ତ୍ତାମାନେ ରାଉରକେଲାରେ ଭିଜିଲାନ୍ସ କୋର୍ଟକୁ ରେଗୁଲାର କରିବା, ତୃତୀୟ ଏଡିଜେ କୋର୍ଟ କରିବା ଭଳି ପ୍ରସ୍ତାବ ଦେଇଥିଲେ। ସଂଘର ସମସ୍ତ ଦାବିଗୁଡିକୁ ଶୁଣିବା ପରେ ବିଚାରପତି ମହାପାତ୍ର ଏହାକୁ କିଭଳି କାର୍ଯ୍ୟକାରୀ କରିହେବ ସେ ନେଇ ଅବଗତ କରାଇଥିଲେ। ଏଥିରେ ରାଉରକେଲା ଓକିଲ ସଂଘ ସଭାପତି ସୁରେଶ ଚନ୍ଦ୍ର ମାଝୀ, ସମ୍ପାଦକ ଅକ୍ଷୟ ଦାସ, ଜିଲା ଜଜ୍ ଶୁଭଦର୍ଶୀ ପଟ୍ଟନାୟକ, ରେଜିଷ୍ଟ୍ରାର ଦିଲୀପ କୁମାର ଶତପଥୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଆଇନଜୀବୀଙ୍କ ଗହଣରେ ଉପସ୍ଥିତ ହାଇକୋର୍ଟ ବିଚାରପତି ।

# କୃତ୍ରିମ ପୋଖରୀରୁ ମିଳିଲା ମହିଳାଙ୍କ ମୃତଦେହ

ରାଉରକେଲା ଅଫିସ,୧।୧୦

ରାଉରକେଲା ରଘୁନାଥପାଲି ଥାନା ଅନ୍ତର୍ଗତ ବାଲୁଘାଟ ଅଞ୍ଚଳରେ ଦୁର୍ଗାପୂଜା ଭସାଣି ପାଇଁ ନିର୍ମିତ କୃତ୍ରିମ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଶନିବାର ଜବତ କରିଛି। ମୃତା ମହିଳା ଜଣଙ୍କ ହେଲେ ବର୍ଣ୍ଣାନୀ ବଡାଇକ(୩୫)। ପୋଲିସ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮୪।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମାଲଗୋଦାମ ଅଞ୍ଚଳର ବର୍ଣ୍ଣାନୀ ବିଭିନ୍ନ ଲୋକଙ୍କ ଘରେ କାମ କରି ପରିବାର ପୋଷଣ କରେ। ଶୁକ୍ରବାର ସନ୍ଧ୍ୟାରେ ସେ କୃତ୍ରିମ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।







# ସ୍ୱଚ୍ଛ ସହରରେ ଷଷ୍ଠଥର ପାଇଁ ବାଜି ମାରିଲା ଇନ୍ଦୋର, ରାଜ୍ୟରେ ରାଉରକେଲା ପ୍ରଥମ

**ଭୁବନେଶ୍ୱର, ୧।୧୦(ବ୍ୟୁରୋ):** କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୨ ଘୋଷଣା ହୋଇଛି। ଏଥିରେ ଶ୍ରେଷ୍ଠ ସ୍ୱଚ୍ଛ ସହରଭାବେ ୬ଷ୍ଠ ଥର ପାଇଁ କ୍ରମାଗତ ଭାବେ ବାଜିମାତ୍ କରିଛି ମଧ୍ୟପ୍ରଦେଶର ଇନ୍ଦୋର। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମ ଏଥର ମଧ୍ୟ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ଭଲ ସ୍ଥିତିରେ ରହିଛି। ଭୁବନେଶ୍ୱରକୁ ସର୍ବଭାରତୀୟସ୍ତରରେ ୮୦ର୍‌ୟାଙ୍କ୍ ମିଳିଥିବାବେଳେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ରାଉରକେଲା ରାଜ୍ୟରେ ପ୍ରଥମ ସ୍ୱଚ୍ଛ ସହର ଭାବେ ସ୍ଥାନ ଅଧିକାର କରିଛି। ଜାତୀୟସ୍ତରରେ ଏହି ସହର ୪୫ତମ ର୍‌ୟାଙ୍କ ପାଇଛି। ଏହାପଛକୁ ପୁରୀ ଜାତୀୟସ୍ତରରେ ୫୮ ଏବଂ ରାଜ୍ୟରେ ୨ୟ ସ୍ଥାନ ହାସଲ କରିଛି। ଅପରପକ୍ଷେ ବିଏମ୍‌ସିକୁ ସିଟିଜେନ୍ ଫିଡ୍‌ବ୍ୟାକ୍ କାଟାଗୋରିରେ 'ବେଷ୍ଟ ସିଟିଜେନ୍ ଫିଡ୍‌ବ୍ୟାକ୍' ଆୱାର୍ଡ ପ୍ରଦାନ କରାଯାଇଛି। ଏହି କାଟାଗୋରିରେ ମୋଟ ୨,୨୫୦ ନମ୍ବରରୁ ବିଏମ୍‌ସିକୁ ୧,୭୪୩ ନମ୍ବର ମିଳିଛି। ଶନିବାର ଦିଲ୍ଲୀର ତାଲକଟୋରା ଷ୍ଟାଡିୟମ୍‌ଠାରେ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ପୁରସ୍କାର ପାଇବା ପରେ ରାଜଧାନୀବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହା ସମସ୍ତଙ୍କ ସହଯୋଗରୁ ସମ୍ଭବ ହୋଇପାରିଛି ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଏଥିସହ ଆଗକୁ ଏଭଳି କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ଅପରପକ୍ଷେ ସ୍ୱଚ୍ଛ ସର୍ବେକ୍ଷଣରେ ମୋଟ୍ ୬ହଜାର ମାର୍କରୁ ବିଏମ୍‌ସିକୁ ୪,୩୬୩.୩୭ ମାର୍କ ମିଳିଛି। ସେହିପରି ସେବା ପ୍ରଦାନ ବାବଦରେ ୪ଟି କ୍ୱାର୍ଟରରେ ମୋଟ ୩ହଜାର ମାର୍କ ଥିବାବେଳେ ସେଥିରୁ ୨୦୧୯.୬୪ ମାର୍କ ହାସଲ କରିଛି। ବାହ୍ୟ ମଳମୁକ୍ତ ସହର ଭାବେ ବିଏମ୍‌ସିକୁ ୭ଶହରୁ ୬ଶହ ନମ୍ବର ମିଳିଥିବାବେଳେ, ଆବର୍ଜନା ମୁକ୍ତ ସହର(ଜିଏଫ୍‌ସି)ରେ ବିଏମ୍‌ସିକୁ କୌଣସି ନମ୍ବର ମିଳି ନାହିଁ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ ଏବଂ ଇଣ୍ଡିଆନ ସ୍ୱଚ୍ଛତା ଲିଗ୍‌ରେ ଓଡ଼ିଶାର ୧୧ଟି ସହରକୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସର୍ବେକ୍ଷଣରେ ଚିତାକର୍ଷକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ପାଇଥିବା ସହର ତଥା ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ସ୍ୱଚ୍ଛ ଓଡ଼ିଶା ନିର୍ମାଣ ଲକ୍ଷ୍ୟ ହାସଲ କରିବାରେ ସହରଗୁଡିକର ଉଦ୍ୟମକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି।
















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ୩୪ ବୋତଲ କଫସିରଫ ଜବତ, ଯୁବକ ଗିରଫ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କନଗାଁ ଛକରେ ପାଟ୍ରୋଲିଂ ପୋଲିସ ଶୁକ୍ରବାର ରାତିରେ ଚାଲାଣ ବେଳେ ୩୪ବୋତଲ କଫସିରପ, ୩ଷ୍ଟ୍ରିଫ ନିଶା ବଟିକା ଜବତ କରିଛି। ଏହି ଘଟଣାରେ ଧଣ୍ଡାମୁଣ୍ଡାର ବାଳଗୋପାଳ ଥାନପତି (୩୮)ଙ୍କୁ ଧରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୫୫/୨୨)ରୁଜୁ କରି ଆଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ ଆଇ ଗୋପୀନାଥ ମହାକୁର ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପିକ୍ଅପ୍ ଧକ୍କାରେ ୨ବାଇକ ଆରୋହୀ ମୃତ

ଖପ୍ରାଖୋଲ,୧।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ଥାନା ପାଟଣାଗଡ଼-ପଦ୍ମପୁର ରାସ୍ତାର ମରୁଆ ଛକ ନିକଟରେ ଶନିବାର ପିକ୍ଅପ ଭ୍ୟାନ ଏକ ବାଇକକୁ ଧକ୍କା ଦେବାରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦାବକାନି ଗାଁର ସୁରେନ୍ଦ୍ର ବରିହା ଓ ଜୀବର୍ଦ୍ଧନ ବରିହା। ସେମାନେ ଏକ ବାଇକରେ ପଦ୍ମପୁର ପଟୁ ପାଟଣାଗଡ ଫେରୁଥିବା ବେଳେ ସାମ୍ନା ପଟୁ ଆସୁଥିବା ପିକ୍ଅପ ଭ୍ୟାନ ସେମାନଙ୍କୁ ଧକା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ପିକ୍ଅପକୁ ନେଇ ଫେରାର ହୋଇ ଯାଇଥିଲେ। ପରେ ପିକ୍ଅପକୁ ପୋଲିସ ଗୌଡପାଲି ଚେକ୍ଗେଟ ନିକଟରୁ ଜବତ କରିଛି। ପାଟଣାଗଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ଡାକ୍ତର ଖାନା ପଠାଇ ଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

### ଗାଁ ନିକଟରେ ଭାଲୁ, ଲୋକେ ଭୟଭୀତ

ଲାଠୋର,୧।୧୦(ଡି.ଏନ ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନାଞ୍ଚଳ ଅଧୀନ ମସିଣା ଗ୍ରାମ ନିକଟ ବରହାବାର ଗ୍ରାମ୍ୟ ଜଙ୍ଗଲରେ ଗତ ତିନି ଦିନ ହେବ ଏକ ଭାଲୁ ବୁଲିଥିବା ଦେଖିବାକୁ ମିଳୁଛି। ଜଙ୍ଗଲରେ ଗୁରବାର ଏକ ବଡ଼ଭାଲୁ ବୁଲୁଥିବା ଦେଖି ଲୋକେ ଫେରି ଆସିଥିଲେ। ଭାଲୁ ଗାଁକୁ ଆସୁ ନାହିଁ ସତ, ହେଲେ କେତେବେଳେ କାହାକୁ ଆକ୍ରମଣ କରିବା ଆଶଙ୍କାରେ ଲୋକେ ଭୟଭୀତ ହୋଇ ପଡିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଯୁବକ ଭାଲୁକୁ ଜଙ୍ଗଲ ଆଡକୁ ଘଉଡ଼େଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଭାଲୁ ଏକ ବଡ଼ ନିମ୍ବ ଗଛରେ ଚଢ଼ି ରାତି ସାରା ରହିଥିଲା। ଶନିବାର ସକାଳେ ମଧ ଭାଲୁଟି ସେହି ସ୍ଥାନ ନିକଟ ଧାନ ବିଲରେ ବୁଲାବୁଲି କରୁଥିବା ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। ଏନେଇ ବନପାଳ ସାଗରିକା ସେଠଙ୍କୁ ପଚାରିବାରୁ ସେ ଅଞ୍ଚଳରୁ ଭାଲୁକୁ ସୁରକ୍ଷିତ ଘଉଡ଼େଇବା ବ୍ୟବସ୍ଥା କରିବୁ ବୋଲି କହିଥିଲେ।

### ସହାୟତା ଲାଗି ତହସିଲଦାରଙ୍କ ଦ୍ୱାରସ୍ଥ

ଲୋଇସିଂହା,୧।୧୦(ଡି.ଏନ.ଏ): ବର୍ଷା ଯୋଗୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ବିଭିନ୍ନ ଗ୍ରାମରେ ଲୋକଙ୍କ ଘର ଭାଙ୍ଗି ପଡିଛି। ବିପନ୍ନ ପରିବାର ସହାୟତା ଦାବିରେ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତହସିଲଦାର ସଂଘମିତ୍ରା କାଲୋ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଅନ୍ତର୍ଗତ ମାଗୁରବେଡା ପଞ୍ଚାୟତର ପଥରଖଣ୍ଡି ଗ୍ରାମର ମହେନ୍ଦ୍ର ପଧାନଙ୍କ ଛପର ଘର ୨୦ସେପ୍ଟେମ୍ବରରେ ହୋଇଥିବା ବର୍ଷାରେ ଭାଙ୍ଗି ଯାଇଛି। ଆଶ୍ରୟ ନେବା ପାଇଁ ପରିବାର ବାରଦ୍ୱାର ହେଉଛନ୍ତି। ସେହିପରି ବାଦିବାହଲ ପଞ୍ଚାୟତ ଭାଲିଆମୁଣ୍ଡା ଗାଁର ପିତାମ୍ବର ବିଶିଙ୍କ ଘର ଭାଙ୍ଗିଛି। ସ୍ତ୍ରୀ ରୀତା ଏବଂ ଦୁଇ ପୁଅଝିଅ ଶୋଇଥିବା ବେଳେ ଘର ଭୁଶୁଡି ପଡିଥିଲା। ସୌଭାଗ୍ୟକୁ କାନ୍ଥ ବାହରକୁ ପଡିବାରୁ ବର୍ତ୍ତି ଯାଇଥିବା ପୀତାମ୍ବର କହିଛନ୍ତି। ତହସିଲ ଓ ବ୍ଲକ ପ୍ରଶାସନ ପକ୍ଷରୁ ଉଭୟ ପରିବାରକୁ ପକ୍କାଘର ଏବଂ ପଲିଥିନ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ଏନ୍‌ପିଏସ୍ ଶିକ୍ଷକ ସଂଘ ବୈଠକ

ବେଲପଡା,୧।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା କୀର୍ତନ ସରକାରୀ ବିଦ୍ୟାଳୟ ପରିସରରେ ବେଲପଡା ଏନପିଏସ ଶିକ୍ଷକ ସଂଘର ବୈଠକ ଶିକ୍ଷକ ଯୁବରାଜ ବିଭାର ଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ସମାଲୋଚନା କରାଯାଇଥିଲା। ଏନପିଏସ କ୍ୟାଶଡରକୁ ବିରୋଧ କରାଯାଇ ଶିକ୍ଷକମାନଙ୍କୁ ଓପିଏସରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ସଂଘ ତରଫରୁ ବାରମ୍ବାର ଅନୁରୋଧ କରାଯାଇଥିଲେ ବି ତାରି ସମାଧାନ ନହେବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଆସନ୍ତା ୧୫ ତାରିଖରେ ଓପିଏସ ଲାଗୁ କରିବା ପାଇଁ ସଂଘ ବେଲପଡାରେ ଆନ୍ଦୋଳନ କରିବା ପାଇଁ ସ୍ଥିର ହୋଇଥିଲା। ପରେ ଜିଲା ଓ ରାଜ୍ୟସ୍ତରୀୟ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଶିକ୍ଷକ ସଂଘର ନୂତନ କମିଟି ମନୋନୟନ କରାଯାଇଥିଲା। ସଭାପତି ନରେଶ ସେଠ , ଉପ ସଭାପତି ଜଗଜ୍ଜିବନ ଖମାରୀ, ସମ୍ପାଦକ ଯୁବରାଜ ବିଭାର ,ସହ ସମ୍ପାଦକ ବିପି ସିଂ ନାଏକ, କୋଷାଧ୍ୟକ୍ଷଭାବେ ନିରାକାର ମେହେରଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ଦେବାନନ୍ଦ ମେହେର, ବୁଦ୍ଧୁ ବାଗ, ଦୁର୍ଯ୍ୟୋଧନ ଚିରାଙ୍ଗୁଲ, ଗୋଲାପ ବିଶ୍ୱାଳ, ଡୁଳାରାମ ମାଝି, ଟିକେଶ୍ୱରୀ ମାଝି ଉପସ୍ଥିତ ଥିଲେ।

# ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

ଲୋଇସିଂହା,୧।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି । ରୌପ୍ୟ ଜୟନ୍ତୀ ଉପଲକ୍ଷେ ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଶିଳ୍ପୀ ମା'ଙ୍କ ମୃଣ୍ମୂର୍ତ୍ତି ଏବଂ ପାର୍ଶ୍ୱ ଦେବାଦେବୀଙ୍କ ନିର୍ମାଣକୁ ଶେଷ ସ୍ପର୍ଶ ଦେଇଛନ୍ତି। ୮୦ ଫୁଟ ଉଚ୍ଚତାର ରାବଣର ପ୍ରତିମୂର୍ତ୍ତି ଏବଂ ବିଜୟା ଦଶମୀ ତିଥିରେ ରାବଣ ପୋଡି ମୁଖ୍ୟ ଆକର୍ଷଣ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି । ଶନିବାର ସନ୍ଧ୍ୟାରେ ପୂଜା ପାଇଁ ବିଲ୍ୱବରଣ ଅନୁଷ୍ଠିତ ହୋଇଯାଇଛି। ପୂଜକ ମନୋଜ ଦାସ କର୍ତ୍ତା ଏବଂ ପୂଜା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରାଜଦ୍ୱାର(ପୂର୍ତ୍ତବିଭାଗ ଡାକବଙ୍ଗଳା)ରୁ ବେଲଡାଲ ଏବଂ ଛେଲବାହାଲ ସୁକତେଲ ନଦୀ ସଂଗମ ସ୍ଥଳରୁ ପାଣି ସଂଗ୍ରହ କରାଯାଇଛି। ରବିବାର କଳସ ଶୋଭାଯାତ୍ରା, ପୂଜାମଣ୍ଡପରେ ସପ୍ତମୀ



ବିଲ୍ୱବରଣ ପାଇଁ ପୂଜାର୍ଚ୍ଚନା କରାଯାଉଛି।

### ୨୫ତମ ବୁର୍ଡା ସାର୍ବଜନୀନ ଦୁର୍ଗାପୂଜା

ପୂଜା ଏବଂ ଦୁର୍ଗାବ୍ରତ ରହିଛି। ସୋମବାର ଅଷ୍ଟମୀ ଉପଲକ୍ଷେ ସନ୍ଧିପୂଜା ଓ ମଙ୍ଗଳବାର ନବମୀ ପୂଜା କରାଯିବ। ମଙ୍ଗଳବାରରୁ ରାବଣ ଦରବାର କାର୍ଯ୍ୟକ୍ରମ ରଖାଯାଇଛି। ବୁଧବାର ବିଜୟା ଦଶମୀରେ ରାବଣ ଦରବାର ମୁଖ୍ୟ ଆକର୍ଷଣ ସାଜିବ। ଦରବାରରେ କୁନିକୁନି ପିଲାଙ୍କ ନାଚଗୀତ, ରାବଣ ପୋଡି ଏବଂ ଆତସବାଜି ଖେଳ ରହିଥିବା ପୂଜାକମିଟି ସଭାପତି ପ୍ରଦୀପ କୁମାର ସାହୁ ଏବଂ କର୍ମକର୍ତ୍ତା କହିଛନ୍ତି। ରବିବାରରୁ ବୁଧବାର ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି । ନାରାୟଣ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଏଏପିର ଦସ୍ତଖତ ଅଭିଯାନ

ଦେଓଗାଁ,୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନରେ ଶନିବାର ଆମ ଆଦମୀ ପାର୍ଟି(ଏଏପି) ତରଫରୁ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାର୍ଟି ଆବାହକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଗାଁରେ ଦସ୍ତଖତ ଅଭିଯାନ କରି ଆମ ଆଦମୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହାସହ ଦଳ ଓଡିଶାରେ କ୍ଷମତାକୁ ଆସିଲେ ବିଜୁଳି ୨ଶହ ୟୁନିଟ ପର୍ଯ୍ୟନ୍ତ ଛାଡ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଦିଗରେ ବିକାଶ କରାଯିବାର ଇସ୍ତାହାର ରହିଥିବା ସୂଚନା ଦେଇଥିଲେ। ଏହି ଅବସରରେ ଗାଁର ୪ଜଣ ଯୁବକ ଏଏପିରେ ସାମିଲ ହୋଇଥିଲେ।

# କୋକସରାରେ ଶାରଦୀୟ ଦୁର୍ଗାପୂଜା

କୋକସରା,୧।୧୦(ଡି.ଏନ.ଏ.)

ପାର୍ବଣ ଋତୁରେ ମା'ଙ୍କ ଆଗମନରେ ଉତ୍ସବ ମୁଖର ହୋଇପଡ଼ିଛି ଧରାପୃଷ୍ଠ। ଶନିବାର ଥିଲା ମା'ଙ୍କ ଷଷ୍ଠୀ ପୂଜା। ଏହି ଅବସରରେ କୋକସରା ବ୍ଲକସ୍ତରୀୟ ଶାରଦୀୟ ଦୁର୍ଗାପୂଜା ପାଇଁ ଅଧିବାସ ସହ ବିଲ୍ୱବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପୂଜା କମିଟି ପକ୍ଷରୁ ପୂଜାକର୍ତ୍ତା ଜୟ ନାରାୟଣ ଶବର ଓ ତାଙ୍କ ସ୍ତ୍ରୀଙ୍କୁ ବାଟବରଣ କରାଯାଇ ଅଣାଯିବା ପରେ ପଣ୍ଡିତଙ୍କ ଗହଣରେ ପଦ୍ମ ପୋଖରୀରୁ ପବିତ୍ର ଜଳ କଳସରେ ଅଣାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଲ୍ୱବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ମା'ଙ୍କ ମଣ୍ଡପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବ। ଚଳିତବର୍ଷ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଦୁର୍ଗାପୂଜା କମିଟିର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ପ୍ରଧାନୀ, ଉପ ସଭାପତି ରାମଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଗୋବର୍ଦ୍ଧନ ବାଗ, ସହ ସମ୍ପାଦକ ନବୀନ ନାଏକ ଏନେଇ ସୁଚନା ଦେଇଛନ୍ତି। ଏହାସହ ବ୍ଲକର ଟେମରା ଗ୍ରାମଠାରେ ମଧ କଳସ ଯାତ୍ରା ଅଧିବାସ ସହ ଦୁର୍ଗାପୂଜା ଆରମ୍ଭ ହୋଇଛି।

# ନୂତନ ପେନସନ ଯୋଜନା ଉଚ୍ଛେଦ ଦାବି



ଚନ୍ଦ୍ରପୁର ଆମ୍ରକାନନରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ଦେଓଗାଁ,୧।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଆମ୍ରକାନନରେ ନୂତନ ପେନସନ ଯୋଜନା ଉଚ୍ଛେଦ ଦାବିନେଇ ନୂତନ ପେନସନଭୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମୋହନ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଏହି ନୂତନ ନିୟମକୁ ତୀବ୍ର ବିରୋଧ କରାଯାଇଥିଲା। ଏହି ନିୟମକୁ ତୁରନ୍ତ ଉଚ୍ଛେଦ କରି ପୁରୁଣା ବ୍ୟବସ୍ଥା ଲାଗୁ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଥିଲେ। ବୈଠକରେ ସଂଘ ସମ୍ପାଦକ ତାରାଚନ୍ଦ ସାମଲ, ପୂର୍ବତନ ସମ୍ପାଦକ ସୁଶାନ୍ତ କୁମାର ଷଡଙ୍ଗୀ, ଶିକ୍ଷକ ସୁଶାନ୍ତ ସାହୁ, ଗୋପବନ୍ଧୁ ମେହେର, ଅଜିତ କୁମାର ବାରିକ, ତପନ ନାଗ, ସଞ୍ଜୀବ କୁମାର ଷଡଙ୍ଗୀ, ସୁରେଶ କୁମାର ବର୍ଗେ, ଜ୍ୟୋତିପ୍ରକାଶ ଷଡଙ୍ଗୀ, ଏମ.ଈଶ୍ୱର ପ୍ରମୁଖ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

# ଟାଇଟାନିକ ଜାହାଜ ତୋରଣ ସହ ମା'ଙ୍କ ଦଶାବତାର

ଜୁନାଗଡ,୧।୧୦ (ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଟୈଗୁଡା ସାର୍ବଜନୀନ ଦୁର୍ଗାପୂଜା ଏଥର ୩୭ ବର୍ଷରେ ପଦାର୍ପଣ କରିଛି। ଗ୍ରାମବାସୀଙ୍କ ଉଦ୍ୟମରେ ଏଠାରେ ଶାନ୍ତି ଶୃଙ୍ଖଳାର ସହ ପ୍ରତିବର୍ଷ ଦୁର୍ଗାପୂଜା ହୋଇଆସୁଛି। ଗତ ୨ବର୍ଷ ଧରି କୋଭିଡ କଟକଣା ପାଇଁ ଏହି ପର୍ବ ଫିକା ପଡିଥିଲା। ଏଥର କିନ୍ତୁ କଟକଣା ନ ଥିବାରୁ ବେଶ ଉତ୍ସାହର ସହ ଏହି ପର୍ବ ପାଳିତ ହେଉଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଟାଇଟେନିକ ଜାହାଜ ଆକାରର ତୋରଣ କରାଯିବା ସହ ରଙ୍ଗୀନ ଆକର୍ଷଣୀୟ ଆଲୋକମାଳା ଦେଖିବାକୁ ମିଳିଛି। ଏଠାରେ ଅପରାହ୍ନରେ କଳସ ଯାତ୍ରା ହୋଇଥିଲା। ପରେ ବିଧିବିଧାନ ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ବର୍ଷ ମା'ଙ୍କ ଦଶବତାର ପୂଜା ହେଉଛି। ପ୍ରତ୍ୟହ ସଂଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିରେ ନାଟକ,ପ୍ରବଚନ,ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ରହିଛି। ସେହିପରି ସୋମବାର ଏଠାରେ ଜଗତସିଂହପୁରର ଅପେରା ହେବ। ପୂଜାର କର୍ତ୍ତା ଭାବେ ଚନ୍ଦ୍ର ଶେଖର ମେହେର ଓ ତାଙ୍କ ସ୍ତ୍ରୀ ଅମ୍ବିକା ମେହେର ଦାୟିତ୍ୱ ତୁଲାଉଛନ୍ତି । ପୂଜାର ସଭାପତି ବିଧାନ ଚନ୍ଦ୍ର ମେହେର, ଉପସଭାପତି ବିଭୂତି ମେହେର,ସମ୍ପାଦକ ବିମଳେନ୍ଦୁ ମେହେର ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।




ଟାଇଟେନିକ ଜାହାଜ ତୋରଣ।

### ୩୭ ବର୍ଷରେ ଟିଟୈଗୁଡା ସାର୍ବଜନୀନ ଦୁର୍ଗାପୂଜା

# ତେରେସିଂହାରେ ମା' ପାଟଖଣ୍ଡା ଯାତ୍ରା

କର୍ଲାମୁଣ୍ଡା,୧।୧୦(ଡି.ଏନ.ଏ.)

କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ମା' ପାଟଖଣ୍ଡା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରା କୈବର୍ତ୍ତ ସମ୍ପ୍ରଦାୟର ହୋଇଥିଲେ ହେଁ ଏଥିରେ ବିଭିନ୍ନ ଜାତିର ଲୋକ ବାର ଦେହେଲିଆ ଭାବେ ରହିଥାନ୍ତି। ତେରେସିଂହା ଯାତ୍ରାର ମୁଖ୍ୟ ପୂଜକ ଦାମୋଦର ନାଏକ, ବରୁଆ ବିବେକାନନ୍ଦ ନାଏକ ଓ ମୀନକେତନ ନାଏକ, ଛତ୍ରିଆ ଗୋପାଳ ନାଏକ, ଯାତ୍ରା କମିଟି ସଭାପତି ରୁଦ୍ର ଭୋଇ, ସମ୍ପାଦକ ସୁବିନ୍ଦ୍ର ରଣା, ଲତାବନ ରଣା, ସନାତନ ନାଏକ, ଧର୍ମ ରଣା, ଦୈତାରି ନାଏକ, ଜଗବନ୍ଧୁ ଭୋଇ, ନିର୍ମଳ ରଣା, ଗୋପାଳ ବାଗ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ବେଲପଡ଼ା ଯାତ୍ରା କମିଟି ପକ୍ଷରୁ ପାଟଖଣ୍ଡା ଯାତ୍ରା ସମ୍ପନ୍ନ ହୋଇଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ରାଜେନ୍ଦ୍ର ପଣ୍ଡା



@ ମନୀଷ ମହାନ୍ତି



@ ନୀତେନ ବେହେରା



@ ଜୟନ୍ତ ମେହେର



@ ସୁନୀଲ ମହାନନ୍ଦିଆ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ପଠାନ୍ତୁ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ

ନର୍ଲା,୧।୧୦(ଡି.ଏନ.ଏ.)

ଗତ ଶୁକ୍ରବାର ସନ୍ଧ୍ୟାରେ ନର୍ଲା ପୋଲିସ ପକ୍ଷରୁ ଛତିକୁଡ଼ା ଫାଣ୍ଡି ଅନ୍ତର୍ଗତ ଟିକ୍ରାପଡା ଢ଼େଙ୍ଗେନ ଛକ ନିକଟରେ ଥିବା ଏକ ଜୁଆ ଆଡ୍ଡା ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଉକ୍ତ ସ୍ଥାନରେ ୫ଜଣ ବ୍ୟକ୍ତି ଜୁଆ ଖେଳୁଥିଲେ। ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ସୂଚନା ମିଳିଛି। ଉକ୍ତ ସ୍ଥାନରୁ ତାସ, ଗାମୁଛା ଏବଂ ୬୬୩୦ ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ଖଡ଼ିଆଳ ସହରରେ ଜମୁଛି ନବରାତ୍ର ପୂଜା

ଖଡ଼ିଆଳ,୧।୧୦(ଡି.ଏନ.ଏ)

ନୂଆପଡ଼ା ଜିଲାର ପ୍ରମୁଖ ସହର ଖଡ଼ିଆଳର ପଟ୍ଟନାୟକ ପଡାଠାରେ ଜମୁଛି ନବରାତ୍ରି ଦୁର୍ଗାପୂଜା। ମା'ଙ୍କୁ ଦର୍ଶନ କରିବା ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଖଡ଼ିଆଳ ପଟ୍ଟନାୟକପଡା ଦୁର୍ଗା ମଣ୍ଡପରେ ପ୍ରତିଦିନ ପ୍ରାତଃ ଏବଂ ସନ୍ଧ୍ୟା ସମୟରେ ଦେବୀ ଦୁର୍ଗାଙ୍କ ସାମୂହିକ ଆଳତୀ କରାଯାଉଛି। ଆଳତୀରେ ସହରର ହଜାର ହଜାର ଭକ୍ତ ସାମିଲ ହୋଇ ଦେବୀମା'ଙ୍କ ଆଶିଷ ନେଉଛନ୍ତି। ଏହି ନବରାତ୍ର ପୂଜା ଅବସରରେ ଭଜନ କୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରୁଛି ପଟ୍ଟନାୟକପଡା ପୂଜା ମଣ୍ଡପ। ଝିକିମିକି ଆଲୋକ ସଜ୍ଜାରେ ସଜ୍ଜିତ ମା'ଙ୍କ ସୁଉଚ୍ଚ ତୋରଣ ବେଶ ଶୋଭା ପାଉଛି। ମା'ଙ୍କୁ ଦର୍ଶନ କରିବା ପାଇଁ ପଡୋଶୀ କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି।



ଖଡ଼ିଆଳର ପଟ୍ଟନାୟକ ପଡାଠାରେ ନବରାତ୍ରି ଦୁର୍ଗାପୂଜା ଚାଲିଛି।

# ମା' ପାଟଖଣ୍ଡାଙ୍କ ଛତରଯାତ୍ରା

ମଦନପୁର,୧।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା ସ୍ଥାନୀୟ ପାଟଖଣ୍ଡା ମନ୍ଦିରରେ ଶନିବାର ପାଳିତ ହୋଇଯାଇଛି । ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦାରୁ ମନ୍ଦିରରେ ପୂଜା ଆରମ୍ଭ ହୋଇ ସପ୍ତମୀ ତିଥିରେ ଛତର ଯାତ୍ରା ହୋଇଥାଏ। ସାତଦିନ ସାତରାତି ମନ୍ଦିରରେ ଅଖଣ୍ଡ ଦୀପ ଜଳାଯାଇ ପୂଜାର୍ଚ୍ଚନା ହୋଇଥାଏ । ମା'ପାଟଖଣ୍ଡାଙ୍କ ଛତରକୁ ଶତାଧିକ ଭକ୍ତଙ୍କ ଗହଣରେ ନିକଟସ୍ଥ ଜଙ୍ଗଲରେ ଥିବା ଏକ ପୀଠ ସ୍ଥଳୀ (ନେଉର)କୁ ନିଆଯାଇ ଦିଶାରୀ ନିଜେ ଛତର ଧରି ପୂଜା କରିଥାଆନ୍ତି। ଲୋକକଥା ଅନୁସାରେ ବହୁପୂର୍ବରୁ ମା' ପାଟଖଣ୍ଡା ଓ ପାର୍ଶ୍ୱ ଦେବୀ ଖେମୁଣ୍ଡି ରାଜ୍ୟରୁ ଆସିଥିଲେ ।ମା'ଙ୍କର ପୂଜା ବାଲିଗୁଡା,ମଦନପୁର ଓ ବଲାଙ୍ଗୀର ଜିଲାର ଜରାସିଂହାଠାରେ ହୋଇଥାଏ । ଛତର ଯାତ୍ରାରେ ପାଟଖଣ୍ଡା ଦିଆରୀ ମନୁ ଦିଆରି ଛତର ଧରିଥିବା ବେଳେ ବାହାଧରନିଆ ରୂପେ ଭାଗୀରଥୀ ମାଝୀ,ଶଶିକାନ୍ତ ଚିନ୍ଦା ଓ ସୁବଳ ଦଣ୍ଡସେନା ସାହାଯ୍ୟ କରିଥିଲେ । ମ.ରାମପୁର ରାଜ ପରିବାରରୁ ମହେନ୍ଦ୍ରାଦିତ୍ୟ ସିଂଦେଓ, ବିକାଶ ରଞ୍ଜନ ସିଂଦେଓ ,ନୀଳ ମାଧବ ସିଂ ଦେଓ,ବୁଧେନ୍ଦ୍ର ପ୍ରତାପ ସିଂଦେଓ ଯାତ୍ରାରେ ଉପସ୍ଥିତ ଥିଲେ । ମୁଖ୍ୟ ତୁଲିଆ ଭାବେ ପାର୍ଥ ମହାନନ୍ଦ ଥିବା ବେଳେ.ଲକ୍ଷ୍ୟା ମହାନନ୍ଦ,ହରି ମହାନନ୍ଦ,ସହଦେବ ପାଢୀ ଓ ନାଏବ ସରପଞ୍ଚ ବିରାଟ ମୁଣ୍ଡଛିନାଙ୍କ ସହ ଗଡଜାତ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ମା' ପାଟଖଣ୍ଡାଙ୍କ ଛତର।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨ ଅକ୍ଟୋବର, ୨୦୨୨



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୧,୧୯,୮୭୮ | ୬୫,୪୯,୭୨୪ | ୬୦,୨୮,୫୮,୪୮୬ |
| ଭାରତ | ୪,୪୫,୯୧,୧୧୨ | ୫,୨୮,୬୫୫ | ୪,୪୦,୨୪,୧୬୪ |
| ଓଡ଼ିଶା | ୧୩,୩୪,୨୩୬ | ୯୧୯୪(+୫୩) | ୧୩,୨୩,୬୪୬ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଝାରବନ୍ଧ,୧।୧୦(ଡି.ଏନ୍.ଏ.): ବରଗଡ଼ ଜିଲା ଝାରବନ୍ଧ ଥାନା ଅନ୍ତର୍ଗତ ଅଡ଼ାପାଣି ଗ୍ରାମର ଜଣେ ବାଇକ୍ ଆରୋହୀଙ୍କ ଦୁର୍ଘଟଣାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଅଡାପାଣି ଗ୍ରାମର ସୁଶାନ୍ତ ହଂସ (୨୫)। ସେ ଝାରବନ୍ଧରୁ ନିଜ ଘରକୁ ଏକ ବାଇକ୍ (ନଂ.ସିଜି୦୪ସିଏମ୍/୫୮୪୨) ଯୋଗେ ଯାଉଥିଲେ। ବାଟରେ ଭାରସାମ୍ୟ ହରାଇବାରୁ ସେ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଝାରବନ୍ଧ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

### ମହାଦେବପାଲି ସୁବର୍ଣ୍ଣ ଜୟନ୍ତୀ ଦୁର୍ଗାପୂଜା

ବିନିକା, ୧। ୧୦ (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ମୁଖ୍ୟ କର୍ତ୍ତାଭାବେ ଅଶ୍ୱିନୀ କୁମାର ନାୟକ, ବିଜୟ କୁମାର ନାୟକ, ରାଧେଶ୍ୟାମ ନାୟକ, ଶିବଶଙ୍କର ନାୟକ, ବ୍ରହ୍ମାନନ୍ଦ ପୁଜାହାରୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଶାନ୍ତନୁ ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଭୋଗ ନିର୍ବାହ ଦାୟିତ୍ୱ କୁନୁ ନାୟକ, ପିଣ୍ଟୁ କାଣ୍ଡ, ଚନ୍ଦ୍ରଶେଖର ପାତ୍ର ତୁଲାଇଛନ୍ତି। ମା'ଙ୍କ ରୂପା ମୁକୁଟ ଭକ୍ତଙ୍କ ଦାନରେ ନିର୍ମାଣ ହୋଇଥିବା ପୂଜା କମିଟି ସଭାପତି ସଂଗ୍ରାମ କେଶରୀ ନାୟକ କହିଛନ୍ତି। ଅପରପକ୍ଷରେ ରାବଣ ରାଜ ସାଙ୍ଗକୁ ସମ୍ବଲପୁରୀ ଭଜନ ଓ ମୀନବଜାର ପାଇଁ ମହାଦେବପାଲି ଚଳଚଞ୍ଚଳ ହୋଇଛି।

### ଆର୍‌ବି ହାଇସ୍କୁଲରେ ଆଭିମୁଖୀକରଣ କାର୍ଯ୍ୟକ୍ରମ

ପଦ୍ମପୁର ୩୦।୯(ଡି.ଏନ୍.ଏ.): ବରଗଡ଼ ଜିଲା ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟରେ ଆଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ କାଳୀପ୍ରସାଦ ଦୁବେଙ୍କ ତତ୍ତ୍ୱାବଧାନରେ ସହ ଶିକ୍ଷାଧିକାରୀ ଜୟକୁମାର ସାହୁ, ରାମସିଂ ଭୋଇ ଓ ପ୍ରଧାନ ଶିକ୍ଷକ ଧର୍ମକୁମାର ଶତପଥି, ଶିକ୍ଷୟିତ୍ରୀ ଶିକ୍ଷକ, ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗଦାନ କରିଥିଲେ। ସାଧନ କର୍ମୀ ନେତ୍ରାନନ୍ଦ ସାହୁ, ଭଗବାନ ତରିଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ, ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଅଭିଭାବକ, କର୍ମଚାରୀ, ଆଇଇଭି ଯୋଗଦାନ କରିଥିଲେ। ପ୍ରଭାତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସତଲମା କଲେଜରେ ସମ୍ବର୍ଦ୍ଧନା ଉତ୍ସବ

ବରପାଲି,୧।୧୦(ଡି.ଏନ୍.ଏ.): ବରପାଲି ନିକଟସ୍ଥ ସତଲମା କଲେଜର ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ନବାଗତ ଛାତ୍ରୀଛାତ୍ରଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ କଲେଜରେ ଶୃଙ୍ଖଳାର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଉତ୍ସବରେ ଅଧାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ସୁଶ୍ରୀ ଚେତନା ପ୍ରଧାନ, ସଞ୍ଜିବ ସିଂହ, ଲଳିତ କୁମାର ମେହେର, ଲୋକବନ୍ଧୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବାବୁଲୁ ତ୍ରିପାଠୀ, ସୁଶାନ୍ତ ତ୍ରିପାଠୀ, ଶ୍ୟାମସୁନ୍ଦର ଭୁଏ, ପଞ୍ଚାନନ ବେହେରା, ଅଶୋକ ସାହୁ, କୁଳ ରଞ୍ଜନ ସାହୁ, ମୀନକେତନ ରଣା ପ୍ରମୁଖ ସହଯୋଗ କରିଥିଲେ। ବିଭାଗ ମୁଖ୍ୟ ଅଧାପକ ଲୋକବନ୍ଧୁ ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଅମରପାଲି,୧।୧୦(ଡି.ଏନ୍.ଏ): ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍‌ଝିରିଆପାଲି କ୍ଲଷ୍ଟରର ଜଟିଆପାଲି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିପୁରାରୀ ଦେହୁରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ସିଆରସିସି ପ୍ରବୀର ଦାଶ ମୁଖ୍ୟ ଅତିଥି, ବଡ଼ମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ ସାହୁ, ବାଙ୍କବିହାରୀ ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍‌ଝିରିଆପାଲି ସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ ବିଶି ସଭା ପରିଚାଳନା କରିଥିଲେ। ଶିକ୍ଷକ ଶଙ୍କର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସରୋଜ ରାଉତ ଧନ୍ୟବାଦ ଦେଇଥିଲେ।

# ଦୁଇ ଅସହାୟ ବାଳକଙ୍କୁ ଉଦ୍ଧାର କଲା ପ୍ରଶାସନ

## ଶିଶୁଗୃହରେ ଥଇଥାନ କରାଗଲା

ଅମରପାଲି,୧।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଘଣ୍ଟରାସାହିର ଦୁଇ ଅସହାୟ ବାଳକଙ୍କୁ ଉଦ୍ଧାର କରିଛି ଜିଲା ପ୍ରଶାସନ। ଉଦ୍ଧାର ପରେ ସେମାନଙ୍କୁ ସୁବର୍ଣ୍ଣପୁର ଶିଶୁଗୃହରେ ଥଇଥାନ କରାଯାଇଛି। ଖଣ୍ଡହତା ଘଣ୍ଟରାସାହିର ରଞ୍ଜିତ ପଧାନ ରୋଗାଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିଲେ। ଏଡି ସମୟରେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ରୋଗିଣୀ ସ୍ୱାମୀ ଓ ୨ ପୁଅ ଗିରୀଶ (୧୨) ଓ କ୍ରିସ(୫)ଙ୍କୁ ଛାଡି ଘରୁ ପଳାଇ ଯାଇଥିଲେ। ଫଳରେ ରଞ୍ଜିତ ଚିକିତ୍ସା ନପାଇ ଘରେ ପଡିରହିଥିଲେ। ବଡକଷ୍ଟରେ ତାଙ୍କ ଜୀବନ ବିତୁଥିଲା। କେତେକ ସ୍ୱେଚ୍ଛାସେବୀ ଉକ୍ତ ଖବର ପ୍ରଶାସନକୁ ଜଣାଇବା ପରେ ଗତ ୨୩ତାରିଖରେ ଜିଲା ଶିଶୁ ମଙ୍ଗଳ ବିଭାଗ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ସରିତା ସୁନା ଓ ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ଦିଲୀପ ମୁଖୀ ଘଣ୍ଟରାସାହିରେ ପହଞ୍ଚି ରଞ୍ଜିତଙ୍କ ବିଷୟରେ ଅନୁଧ୍ୟାନ କରିଥିଲେ। ଏହା ପରେ ପ୍ରଶାସନ ରଞ୍ଜିତଙ୍କୁ ଚିକିତ୍ସା ପାଇଁ ନେଇଥିଲା। ହେଲେ ଚିକିତ୍ସା ହୋଇ ଘରକୁ ଫେରିବାର କିଛି ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ପରେ ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଓ ଚାଇଲ୍ଡ ଲାଇନ ସଦସ୍ୟ ଗାଁରେ ପହଞ୍ଚି ଗିରୀଶ ଓ କ୍ରିସ୍‌ଙ୍କୁ ଉଦ୍ଧାର କରିଛି। ଜିଲା ଶିଶୁ ଗୃହରେ ରଖି ସେମାନଙ୍କୁ ପାଠ ପଢ଼ିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଦୁଇ ବାଳକଙ୍କୁ ଉଦ୍ଧାରବେଳେ ଖଣ୍ଡହତା ସରପଞ୍ଚ ଜୟଶ୍ରୀ ବିଶ୍ୱାଳ, ଅଙ୍ଗନୱାଡ଼ି କର୍ମୀ ସବିତା ପୂଝାରୀ, ୱାର୍ଡସଭ୍ୟ ରଜନୀ ପ୍ରଧାନ, ଦୁଇ ନାବାଳକଙ୍କ ବଡ଼ବାପା ବେଡା ପ୍ରଧାନ, ବଡ଼ମା' ଦ୍ରୌପଦୀ ବିଶି, ସାମାଜିକ ସଙ୍ଗଠନ ଶିୟାର ସଦସ୍ୟ ଦିଲୀପ ପଧାନ, ଗୋବିନ୍ଦ ପ୍ରଧାନ ଓ ଗ୍ରାମର ଅନେକ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଜିଲା ଶିଶୁ ମଙ୍ଗଳ ବିଭାଗ ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ରାଧେଶ୍ୟାମ ପଣ୍ଡା, ସୁଦାମ ଚରଣ ଗାଇଗରିଆ ଦୁଇ ବାଳକଙ୍କୁ ଆଣି ଶିଶୁଗୃହକୁ ହସ୍ତାନ୍ତର କରିଛନ୍ତି।


ଦୃଶ୍ୟାଭିନୟରେ ବାଳି ବଧ ।

### ଦୁର୍ଗାପୂଜାରେ ଖଣ୍ଡାଧୁଆ ଶୋଭାଯାତ୍ରା

ବରପାଲି,୧।୧୦(ଡି.ଏନ୍.ଏ.): ଶାରଦୀୟ ଦୁର୍ଗାପୂଜା ପାଇଁ ବରପାଲି ସହରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ମା'ଙ୍କ ଆଗମନ ନେଇ ସାରା ସହର ଚଳଚଞ୍ଚଳ। ବରପାଲି ସହରରେ ମୁଖ୍ୟତଃ ଜଗନ୍ନାଥ ନଗର, ଅଶୋକ କ୍ଲବ, ତହସିଲ ଛକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଆନ୍ତି। ଏହି ଅବସରରେ ସବୁ କମିଟି ପକ୍ଷରୁ ଶନିବାର ଖଣ୍ଡାଧୁଆ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାରେ ଘଣ୍ଟ, ଦୁଲୁଦୁଲି ବାଜା, ଡିଜେ ଆଦି ସାମିଲ ହୋଇଥିଲା। ଖଣ୍ଡାଧୁଆ ପରେ ମା'ଙ୍କ ପୂଜା ବିଧିବଦ୍ଧ ଭାବେ ଆରମ୍ଭ ହେବ। ଏହାସହ ବରପାଲି ଦୁର୍ଗା ମନ୍ଦିରରେ ନବରାତ୍ରି ଆରମ୍ଭ ଦିନଠୁ ମା'ଙ୍କ ସ୍ୱତନ୍ତ୍ର ପୂଜା କରାଯାଇ ନବଦୁର୍ଗା ବେଶରେ ପ୍ରତିଦିନ ମା'ଙ୍କୁ ସଜ୍ଜିତ କରାଯାଉଛି। ସେହିପରି ବରପାଲିର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ମହାଳୟାଠାରୁ ପ୍ରତିଦିନ ସ୍ୱତନ୍ତ୍ର ପୂଜା ହେଉଛି। ପାର୍ବଣ ପାଇଁ ସହରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

# ଅଭିନୀତ ହେଲା ଲଙ୍କାରେ ସୀତାଠାବ

## ରାମଲୀଳାର ପଞ୍ଚମ ରଜନୀ

ସୋହେଲା, ୧।୧୦(ଡି.ଏନ୍.ଏ.)

ସାର୍ବଜନୀନ ଦୁର୍ଗାପୂଜା ଅବସରରେ ସୋହେଲାରେ ଚାଲିଥିବା ରାମଲୀଳାର ପଞ୍ଚମ ରଜନୀରେ ଶ୍ରୀରାମ ଶବରୀ ହାତରୁ ଅଇଁଠା କୋଳି ଖାଇ ଭକ୍ତ ଓ ଭଗବାନଙ୍କ ସମ୍ପର୍କକୁ ମଣିଷ ସମାଜ ଆଗରେ ରଖିଛନ୍ତି। ଦୃଶ୍ୟାଭିନୟରେ ସୀତା ଚୋରି ପରେ ହତାଶ ହୋଇ ତାଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀରାମ ଋଷ୍ୟମୁଖ ପର୍ବତରେ ବାନର ସେନା ସହ ଆଲୋଚନା କରିଛନ୍ତି। ରାଜା ବାଳୀଙ୍କୁ ବଧ କରି ବନ୍ଧୁ ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା କରିଛନ୍ତି। ଏହାପରେ ସୀତାଙ୍କୁ ଠାବ କରିବାକୁ ଚାରିଦିଗକୁ ସୈନ୍ୟ ପ୍ରେରଣ କରାଯାଇଛି। ହନୁମାନ ସାତ ସମୁଦ୍ର ପାରି ହୋଇ ଲଙ୍କାରେ ପହଞ୍ଚି ମାତା ସୀତାଙ୍କୁ ଅଶୋକ ବାଟିକାରେ ଠାବ କରିଛନ୍ତି। ସୀତାଠାବ ଦୃଶ୍ୟ ସ୍ଥାନୀୟ ଡାକବଙ୍ଗଳା ମଧ୍ୟରେ ମୁକ୍ତାକାଶରେ ଅଭିନୀତ ହୋଇଥିଲା। ନିର୍ଦ୍ଦେଶକ ଅଗସ୍ତି ଭୋଇଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ଭୂମିକାରେ ମୁକେଶ, ଆକାଶ, ସସ୍ମିତା, ରାଷ୍ଟ୍ର, ଶିବ, ରିଙ୍କୁ, ରୁଦ୍ର, କର୍ଣ୍ଣ, ତୁଷାର, ବିଜୟଲକ୍ଷ୍ମୀ, ଦଳ, ଗୋବିନ୍ଦ, ଶମ୍ଭୁ ପ୍ରମୁଖ ଅଭିନୟ କରିଥିଲେ। ସେହିପରି ସୋହେଲାର ହଟଲି ମଣ୍ଡପରେ ଚାଲିଥିବା ଲୋକ ମହୋତ୍ସବ 'ପାର୍ବଣ'ର ତୃତୀୟ ସନ୍ଧ୍ୟାରେ ଢୋଲ ମହୁରୀ, ବଲାଙ୍ଗୀରର କଳାକାରମାନେ ବଜାସାଲ, ରସରକେଲି, ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ତୁଷୁରାର କୃଷ୍ଣପ୍ରିୟା କଳା ପରିଷଦ କଳାମାନଙ୍କ ଘୁଡୁକା ନାଚ ଦର୍ଶକଙ୍କୁ ବିମୋହିତ କରିଥିଲା। କୁଚିଣ୍ଡାର କନକ ଦଣ୍ଡସେନା ଏବଂ ସାଥୀଙ୍କ କମେଡି କାର୍ଯ୍ୟକ୍ରମରେ ହାସ୍ୟରସ ଭରିଦେଇଥିଲା।

### ଉମା ମାହେଶ୍ୱରୀ ମନ୍ଦିରରେ ଡୁମାଲ ସମାଜ ସଭା

ଜାମଟିକ୍ରା,୧।୧୦(ଡି.ଏନ୍.ଏ.)

ଅତାବିରା ବ୍ଲକ ଗମ୍ଭାରୀପାଲି ସ୍ଥିତ ଆଞ୍ଚଳିକ ଉମା ମାହେଶରୀ ମନ୍ଦିରରେ ଗମ୍ଭାରୀପାଲି କେନ୍ଦ୍ର ଅଧୀନ ସମସ୍ତ ଗ୍ରାମର ଡୁମାଲ ସମାଜ ଜାତି ଭାଇମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ପ୍ରେମରାଜ କର୍ମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁମାଲ ପରିଷଦ ବରଗଡ଼ ଜିଲା ସଭାପତି ଦୟାସାଗର ମେଣ୍ଡଲି ଓ ଜିଲାସ୍ତରୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଗମ୍ଭାରୀପାଲି କେନ୍ଦ୍ର ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମରେ ଗ୍ରାମ୍ୟ କମିଟି ଗଠନ ସହିତ ପାରିବାରିକ ଗଣନା କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଜାତିର ମୁଖ୍ୟ ସନ୍ତୋଷ ମହାକୁର, ଶୁଶୀଲ ପ୍ରଧାନ, ସାମିଲ ଛନ୍ଦ, ଚାରପାଲି କେନ୍ଦ୍ର ସଭାପତି ଧ୍ରୁବଚରଣ ପ୍ରଧାନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାଇକ୍‌କୁ ପିଟିଲା ଟ୍ରକ୍: ଯୁବକ ମୃତ, ଯୁବତୀ ଗୁରୁତର

ଅମ୍ବାଭୋନା,୧।୧୦(ଡି.ଏନ୍.ଏ.)

ବରଗଡ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଗଙ୍ଗେଇ ବୁଲାଣି ନର୍ସରୀ ପାଖରେ ଶନିବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତମ ଗ୍ରାମର ଜିତେନ୍ଦ୍ର ମଲ୍ଲିକ(୨୦)। ଏହି ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ ଭଉଣୀ କଳ୍ପନା ବାଗ (୧୮) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭୁକ୍ତା ସରକାରୀ ଡାକ୍ତରଖାନା ଏବଂ ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଶନିବାର ସକାଳ ୭ଟା ବେଳେ ଭଟଲି ଥାନା ଅନ୍ତର୍ଗତ ସୁକୁଡା ଗ୍ରାମରୁ ଏକ ବାଇକ୍ (ନଂ.ଓଡି୧୭ଏଚ୍/୦୯୬୧) ଯୋଗେ ଉତ୍ତମ ଗ୍ରାମର ଜିତେନ୍ଦ୍ର ଓ ତାଙ୍କ ସମ୍ପର୍କୀୟ ଭଉଣୀ କଳ୍ପନା ଅମ୍ବାଭୋନା ଥାନା ଅନ୍ତର୍ଗତ ବେନିଆଁପାଲି ଗ୍ରାମ ମାମୁ ଘରକୁ ଯାଉଥିଲେ। ଏହି ସମୟରେ ଅମ୍ବାଭୋନା ପଟରୁ ଦ୍ରୁତଗତିରେ ଏକ ଟ୍ରକ୍ (ନଂ.ଓଡି୦୫ଏ/୩୩୨୧) ଆସି ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଯୁବତୀ ଯୁବକ ରାସ୍ତା କଡରେ ଛିଟିକି ପଡିଥିଲେ। ଖବର ପାଇ ଅମ୍ବାଭୋନା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ଭୁକ୍ତା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଯୁବତୀଙ୍କୁ ବରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅମ୍ବାଭୋନା ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ସରକାରୀ ଡାକ୍ତରଖାନାକୁ ପଠାଇଛି।

# କଠିନ ଅଧ୍ୟବସାୟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଥାଏ

## ସୁବଳୟା କଲେଜର ସ୍ୱାଗତ ସମାରୋହ

ଅମରପାଲି,୧।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ ମହାବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜ ଅଧକ୍ଷ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରମାକାନ୍ତ ପୁରୋହିତ, ଅନ୍ନଦା ମିଶ୍ର, ଦେବାଶିଷ ପଧାନ, ସୁବ୍ରତ ପଣ୍ଡା, ବିଶ୍ୱମୟ ଗୁରୁ, ଅନୁସୟା ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଦିତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମ ବର୍ଷ ପିଲାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ କଲେଜର ନୀତିନିୟମ, ପାଠ ପଢା ପ୍ରଣାଳୀ, ସମୟ ନିର୍ଘଣ୍ଟ ଆଦି ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଅଧ୍ୟୟନ ପାଇଁ ଛାତ୍ରୀଛାତ୍ର ସବୁବେଳେ ଅଧାପକଙ୍କ ସହଯୋଗ ପାଇପାରିବେ ବୋଲି ଅଧକ୍ଷ ମତ ପ୍ରକାଶ କରିଥିଲେ। ଏହାସହିତ କଲେଜର ନିୟମମାନି ଜଣେ ଶୃଙ୍ଖଳିତ ପିଲାଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। କଠିନ ଅଧ୍ୟବସାୟ ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହୁଏ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପରେ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦିଲ୍ଲୀପ ମେହେର, ଗୋପାଳ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱାଗତ ସମାରୋହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୬୭ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା

ସୋନପୁର,୧।୧୦(ନି.ପ୍ର.)

ଦୁଷ୍ଟ ବିନାଶ ପାଇଁ ଧରାବତରଣ କରିଛନ୍ତି ଜଗତଜନନୀ ମା ଦୁର୍ଗା। ଶନିବାରଠାରୁ ଦେବୀଙ୍କ ପୀଠରେ ଆରମ୍ଭ ହୋଇଛି ମହିଷା ମର୍ଦ୍ଦିନୀଙ୍କ ତ୍ରିଦିନାତ୍ମକ ଦୁର୍ଗାପୂଜା। ରବିବାର ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ପୂଜା ମଣ୍ଡପରେ ସପ୍ତମୀ ପୂଜା ଆରମ୍ଭ ହେବ। ସୁବର୍ଣ୍ଣପୁର ଜିଲାର ୬୭ଟି ମଣ୍ଡପରେ ମା ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସୋନପୁର ଥାନା ଅଞ୍ଚଳରେ ୧୪ଟି, ଉଲୁଣ୍ଡା ଥାନା ଅଞ୍ଚଳରେ ୭ଟି, ତରଭା ଅଞ୍ଚଳରେ ୫ଟି, ବୀରମହାରାଜପୁରରେ ୧୧ଟି, ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ୧୦ଟି, ରାମପୁରରେ ୫ଟି, ବିନିକାରେ ୧୨ଟି ଓ ସୁବଳୟା ଅଞ୍ଚଳରେ ୩ଟି ସ୍ଥାନରେ ମା'ଙ୍କୁ ପୂଜା କରାଯାଉଛି। ସେହିଭଳି ସୋନପୁର ସହରର ବ୍ଲକ ଛକ, ଗଡଭିତର, ଦୁର୍ଗାମଣ୍ଡପ ଛକ, ଅନନ୍ତରାମ ମଣ୍ଡପ, ଘୋଡାଘାଟପଡା, ଗୁଣ୍ଡିଚାମନ୍ଦିର, କୁମ୍ଭାରପଡା, ଟିକିରିପଡା, ଥନାପତିପଡା ଓ ପଟାଭାଡି ଆଦି ୧୦ଟି ସ୍ଥାନରେ ଦୁର୍ଗାପୂଜା ହେଉଛି । ସେହିପରି ସୋନପୁର ଥାନାର ଖମ୍ଭେଶ୍ୱରୀପାଲି, ହରଡଖୋଲ, ସାଗରପାଲି ଓ କୁଲିପାଲିରେ ସାର୍ବଜନୀନ ଦୁର୍ଗାପୂଜା


ସୋନପୁର ସହରର ଥନାପତିପଡାରେ ଅନୁଷ୍ଠିତ ନବରାତ୍ର ଦୁର୍ଗାପୂଜା ।

**ସୁବର୍ଣ୍ଣପୁର ଜିଲା**

## ସୋନପୁର ସହରରେ ୧୦ମେଢ

ମହାସମାରୋହରେ ପାଳିତ ହେଉଛି। କରୋନା ମହାମାରୀ ଯୋଗୁଁ ଗତ ଦୁଇ ବର୍ଷ ଧରି ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପୂଜା କମିଟି ଗୁଡିକ ପକ୍ଷରୁ ମା'ଙ୍କର କେବଳ ପୂଜା ବିଧି ପାଳନ ହୋଇଥିଲା। ଭକ୍ତମାନେ ଉପବାସ ରହି ସାମାଜିକ ଦୂରତ୍ୱ ଅବଲମ୍ବନ କରି ମା'ଙ୍କ ଦର୍ଶନ କରିଥିଲେ। କୋଭିଡ କଟକଣା ହଟିବା ପରେ ଚଳିତ ଥର ଦୁର୍ଗା ପୂଜା ମହାସମାରୋହରେ କରିବା ପାଇଁ ପୂଜା କମିଟିଗୁଡିକ ନିଷ୍ପତ୍ତି ନେଇଛନ୍ତି। ପୂଜା ମଣ୍ଡପ ଗୁଡିକରେ ଶନିବାର ମୃଣ୍ମୟୀ ଦେବୀଙ୍କ ବିଲ୍ୱବରଣ ଆମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ସପ୍ତମୀ ପୂଜା, ସୋମବାର ମହାଷ୍ଟମୀ ଓ ସନ୍ଧିପୂଜା, ମଙ୍ଗଳବାର ମହାନବମୀ ପୂଜା ଓ ବୁଧବାର ଦଶମୀ ପୂଜା ଅନୁଷ୍ଠିତ ହେବ। ପୂଜା ମଣ୍ଡପ ଗୁଡିକ ବେଶ ଆକର୍ଷଣୀୟ ହୋଇଥିବା ବେଳେ ଆଲୋକମାଳାରେ ଝଲସୁଛି। ସୋନପୁର ସହରର ଥନାପତିପଡାରେ ନବରାତ୍ର ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା କମିଟି ପକ୍ଷରୁ ଗତଦଶ ଦଶନ୍ଧି ଧରି ଏଠାରେ ଦୁର୍ଗା ପୂଜା ନିଷ୍ଠାର ସହ ହୋଇଆସୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ରାଜେନ୍ଦ୍ର ପଣ୍ଡା


@ ମନୀଷ ମହାନ୍ତି


@ ନୀତେନ ବେହେରା



@ ଜୟନ୍ତ ମେହେର


@ ସୁନୀଲ ମହାନନ୍ଦିଆ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ପଠାନ୍ତୁ।

## ଶୋଇଥିବା ଅବସ୍ଥାରେ ଶ୍ରମିକଙ୍କ ମୃତ୍ୟୁ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହର ବାଲାଜୀ ମନ୍ଦିର ନିକଟରେ ଥିବା ଏକ ଷ୍ଟଲରେ ଶୋଇଥିବା ଅବସ୍ଥାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚମାର ମାଝୀ । ତାଙ୍କ ଘର ନିକଟସ୍ଥ କୁଲିଆମାଲ ଗ୍ରାମରେ ବୋଲି ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ କାମ ସାରି ଷ୍ଟଲରେ ଶ୍ରମିକ ଜଣକ ଶୋଇଥିଲେ। ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଶନିବାର ସକାଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ମୃତ୍ୟୁର କାରଣ ଜଣାପଡିନାହିଁ ।

# ସମବାୟ ସମିତି ଗୋଦାମ ଘରେ ଗାନ୍ଧୀଙ୍କ ଚିଠି

**ବଲାଙ୍ଗୀର ଅଫିସ,୧।୧୦**

ବଲାଙ୍ଗୀର ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନତା ପରବର୍ତ୍ତୀ ପ୍ରି-ଆସେମ୍ବ୍ଲି ବିଧାୟକ କପୁର୍ଚ୍ଛନ ନାଏକଙ୍କ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଘରେ ପଡ଼ିରହିଛି। ଦୀର୍ଘ ୩୪ ବର୍ଷ ତଳେ ସମବାୟ ବିଭାଗ ପକ୍ଷରୁ ଏକ କୃଷିଋଣକୁ କେନ୍ଦ୍ରକରି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାଏକଙ୍କ ପୁତ୍ର ନୀଳମଣି ନାଏକଙ୍କ ଘରୁ ଉକ୍ତ ଦସ୍ତାବିଜ ସହ କିଛି ସାମଗ୍ରୀ ଓ ଲୁହାବାକ୍ସ ଜବତ କରାଯାଇଥିଲା। ସେହିଦିନରୁ ଏହା ଉକ୍ତ ଗୋଦାମ ଘରେ ପଡ଼ିରହିଛି। ଦୀର୍ଘବର୍ଷ ଧରି ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ପଡ଼ିରହିବା ଫଳରେ ସେଥିରୁ ଅନେକ କିଛି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଉକ୍ତ ଦସ୍ତାବିଜ ଭିତରେ ଜାତିର ଜନକ ମହାତ୍ମା ଗାନ୍ଧୀ ସ୍ୱର୍ଗତ ନାଏକଙ୍କୁ ଦେଇଥିବା ଏକ ଚିଠି ସହ ସ୍ୱାଧୀନତା ସଂଗ୍ରାମ କାଳର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, କାଗଜପତ୍ର ଏବଂ ଅନ୍ୟ ସାମଗ୍ରୀ ରହିଥିବା ପରିବାର ଏବଂ ତଥ୍ୟାଭିଜ୍ଞ ମହଲରୁ ଜଣାପଡିଛି। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାଏକଙ୍କ ଏଭଳି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ସାମଗ୍ରୀ ଦୀର୍ଘ ୩୪ ବର୍ଷ ଧରି ସେଠାରେ ଜବତ ହୋଇ ରହିଥିଲେ ମଧ୍ୟ ତାକୁ ଉଦ୍ଧାର ଦିଗରେ ପ୍ରୟାସ କରାଯାଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସ୍ୱାଧୀନତା ସଂଗ୍ରାମୀ ନାଏକ ୧୯୫୯ ମସିହାରେ ମୃତ୍ୟୁବରଣ କରିଥିଲେ। ମିଳିଥିବା ସୂଚନା ମୁତାବକ, ସ୍ୱର୍ଗତ ନାଏକଙ୍କ ଦସ୍ତାବିଜ ଓ ସାମଗ୍ରୀ ତାଙ୍କ ପୁତ୍ର ନୀଳମଣି ନିଜ କେଉଁଟିପାଲି ଘରେ ସାଇତି ରଖିଥିଲେ। ନୀଳମଣି ୧୯୮୪ରେ ସମବାୟ ସମିତିରୁ ଏକ କୃଷିଋଣ ନେଇଥିଲେ। ସେହିବର୍ଷ ମରୁଡ଼ି ହେବାରୁ କୃଷିଋଣ ଛାଡ଼ ଦାବିକରି ସେ ଅଞ୍ଚଳର ଚାଷୀଙ୍କୁ ଏକତ୍ରିତ କରି ଆନ୍ଦୋଳନ କରିଥିଲେ। ଏହାକୁ କେନ୍ଦ୍ରକରି ତତ୍କାଳୀନ ସମବାୟ ବିଭାଗର ଜଣେ ଅଧିକାରୀ ପ୍ରତିଶୋଧପରାୟଣ ହୋଇ ୧୯୮୮ ମସିହାରେ ତାଙ୍କ କେଉଁଟିପାଲିସ୍ଥିତ ଘରେ ଚଢ଼ାଉ କରି କିଛି ସମ୍ପତ୍ତି ଜବତ କରିନେଇଥିଲେ। ଏଥିରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାଏକଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସାମଗ୍ରୀ ରହିଥିଲା। ସମବାୟ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ନୀଳମଣି ଅଦାଲତଙ୍କ ଦ୍ୱାରସ୍ଥ ହେଲେ ଓ ୨୦୦୪ ମସିହାରେ ବିଜୟୀ ହୋଇଥିଲେ। ବିଜୟୀ ହେବା ପରେ ନିଜ ଘରକୁ ଜବତ ସାମଗ୍ରୀ ଫେରାଇ ଦେବାକୁ ସମବାୟ ବିଭାଗକୁ କହିଥିଲେ। ମାତ୍ର ସମବାୟ ବିଭାଗ ଅଫିସକୁ ଆସି ସମ୍ପତ୍ତି ନେଇଯିବାକୁ ତାଙ୍କୁ କୁଆଡେ କହିଥିଲା। ସ୍ୱାଭିମାନୀ ନୀଳମଣି ସମବାୟ ଅଫିସକୁ ଯାଇ ନ ଥିଲେ। ସେହିଦିନରୁ ଉକ୍ତ ଦସ୍ତାବିଜ ଯୋଗୀସର୍ଡା ସମବାୟ ସମିତି ଗୋଦାମ ଘରେ ପଡ଼ିରହିଛି। ଇତିମଧ୍ୟରେ ନୀଳମଣି ନାଏକଙ୍କ ମଧ୍ୟ ପରଲୋକ ହୋଇଯାଇଛି।

ଲୋଇସିଂହା ଥାନା ଅନ୍ତର୍ଗତ କେଉଁଟିପାଲି ଗାଁରେ ୧୯୦୧ ମସିହାରେ ସ୍ୱାଧୀନତା ସଂଗ୍ରାମୀ କପୁର୍ଚ୍ଛନ ନାଏକ ଜନ୍ମଗ୍ରହଣ କରିଥିଲେ। ୧୯୨୪-୩୩ କୋର୍ଟ ଅଫ୍ ୱାଡର୍ସ ସମୟରେ ସେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ସ୍ୱେଚ୍ଛାଚାର, ଶାସକବର୍ଗଙ୍କ ବେଠି, ବେଗାରୀ, ରସଦ୍ ଭଳି ଅମାନବୀୟ ବେଆଇନ କାର୍ଯ୍ୟ ତଥା ଜନବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୩୦ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସେ ଇଞ୍ଚୁଡ଼ିଠାରେ ଅନୁଷ୍ଠିତ ଆଇନ ଅମାନ୍ୟ ଆନ୍ଦୋଳନରେ ଭାଗ ନେଇଥିଲେ। ବଲାଙ୍ଗୀରରେ ଖଦି ଓ ଚରଖା ଆନ୍ଦୋଳନ, ୧୯୩୮ ମସିହାରେ ଚୂଡ଼ାପାଲିରୁ ବଲାଙ୍ଗୀର ଆସିଥିବା କୃଷକ ମହାମେଳିରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିପାଇଁ ତାଙ୍କୁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିଥିଲା। ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ୱୀକୃତ ବଲାଙ୍ଗୀର କୃଷକ ଦଳର ସେ ଜଣେ ଆଗଧାଡ଼ିର ନେତା ଥିଲେ। ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଆସେମ୍ବ୍ଲିରେ ଗଡ଼ଜାତ କୋଟାରୁ ତାଙ୍କୁ ବିଧାୟକ ମନୋନୀତ କରାଯାଇଥିଲା। ଓଡ଼ିଶା ସରକାର ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।



ସମବାୟ ସମିତି କାର୍ଯ୍ୟାଳୟ ଗୋଦାମ ଘରେ ପରିତ୍ୟକ୍ତ ହୋଇପଡିଥିବା ଲୁହାବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ।

**ସ୍ୱାଧୀନତା ସଂଗ୍ରାମୀଙ୍କ ଦସ୍ତାବିଜ ବି ବନ୍ଧାପଡ଼ିଛି**



- ସ୍ୱାଧୀନତା ସଂଗ୍ରାମୀ କପୁର୍ଚ୍ଛନ ନାଏକଙ୍କ ପ୍ରତି ଅସମ୍ମାନ
- ଦସ୍ତାବିଜ ଉଦ୍ଧାର ହେଲେ ଜଣାପଡ଼ିବ ସ୍ୱାଧୀନତା ସଂଗ୍ରାମର ଗୁରୁତ୍ୱପୂର୍ଣ୍ଣ ତଥ୍ୟ

## ସଂକ୍ଷେପରେ

### ଜାମଖୁଣ୍ଟା ୩-୦ ଗୋଲରେ ଚାମ୍ପିୟନ

**ମା' ବସ୍ତ୍ରାୟଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**



**ଖଡ଼ିଆଲ,୧।୧୦(ଡି.ଏନ.ଏ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଅନ୍ତର୍ଗତ ଚଚରାଭଟା ଗ୍ରାମରେ ଆୟୋଜିତ ମା' ବସ୍ତ୍ରାୟଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଜାମଖୁଣ୍ଟା ଓ ଲିଆଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜାମଖୁଣ୍ଟା ୩-୦ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ କୁନୁଚରଣ ବେହେରା, ବେଣୁପାଣି ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏପରି ଭାବରେ ଗ୍ରାମାଞ୍ଚଳରେ ଖେଳ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହେଲେ ଖେଳାଳିମାନଙ୍କ ବିକାଶ ହେବ। ଭବିଷ୍ୟତରେ ସେମାନେ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାପସ ପତି ଓ ସାଥି ଖେଳ ପରିଚାଳନା କରିଥିଲେ। ଉଦ୍ଧବ କୁମାର ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ହରି ସାହାଣୀ, ଲକ୍ଷ୍ମୀ ବନଛୋର, ମନୋଜ ବେହେରା, ଦେବ ବାଗ ଓ ସଭ୍ୟମାନେ ସହଯୋଗ କରିଥିଲେ।

### ମା' ଧରଣୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବୋଡେନ ଚାମ୍ପିୟନ

**ବୋଡେନ,୧।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନପୁରଠାରେ ମା' ଧରଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବୋଡେନ ଓ ଚଟିଆଗୁଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ୨-୦ରେ ବୋଡେନ ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଯୋଜନା ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ମୁଖ୍ୟବକ୍ତା ଭାବରେ ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, କୃଷ୍ଣଲାଲ ଦିପ, ଜବାର ମହମ୍ମଦ, ପର୍ଶୁରାମ ନିଆଲ, ଟିକେଶ୍ୱର ନାଗ, ଝସକେତନ ନାଗ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଦେବାଶିଷ ଯୋଷି, ଚନ୍ଦ୍ର ମାଝି, ରିଙ୍କୁ ମାଝି। ମା' ଧରଣୀ ଯୁବକସଂଘ ସଭାପତି ବେଦବ୍ୟାସ ନାଗ, ଉପସଭାପତି ଧବଳେଶ୍ୱର ବାଡ଼, ରମେଶ ନିଆଲ, ପଣ୍ଡୁଲାଲ ନାଗ, ଗଗନ ପରାଭୋଏ, ପ୍ରବୀଣ ନିଆଲ ପ୍ରମୁଖ ସହଯୋଗ କରିଥିଲେ। ଧାରାବିବରଣୀ ପ୍ରଦାନ କରିଥିଲେ ମନୋଜ ଖମାରି ଓ ପ୍ରକାଶ ପାତ୍ର, ରଜଂନ ହଂସ।

## ମିଳିତ ଉଦ୍ୟାନ ପ୍ରଡ୍ୟୁସର କମ୍ପାନୀ ବୈଠକ

**ମୁରିବାହାଲ, ୧।୧୦( ଡି.ଏନ.ଏ.)**

ମୁରିବାହାଲ ବ୍ଲକ ପତ୍ରାପାଲି 'କ' ପଞ୍ଚାୟତରେ ଜନମୁକ୍ତି ଅନୁଷ୍ଠାନ ଦ୍ୱାରା ପରିଚାଳିତ ମିଳିତ ଉଦ୍ୟାନ ପ୍ରଡ୍ୟୁସର କମ୍ପାନୀର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏପିସି କାର୍ଯ୍ୟକ୍ରମ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୀବ କୁମାର ବାରିକ ପରିଚାଳନା କରିଥିଲେ। ସମ୍ପାଦକ ଭଜରାମ ସାହୁ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଟିଟିଲାଗଡ ଉପଖଣ୍ଡ ଉଦ୍ୟାନ ଅଧିକାରୀ ମନବୋଧ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ମହିଳାମାନେ ବିଭିନ୍ନ ଯୋଜନା ମାଧ୍ୟମରେ ଆର୍ଥିକ ବିକାଶ, ସ୍ୱାବଲମ୍ବୀ କରିବା ଉପରେ ସେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଗୋପାଳକୃଷ୍ଣ ଦୀପ, ବିଏଲସି ବ୍ରଜମୋହନ ସ୍ୱାଇଁ, ବିପିସି ଉଜ୍ଜ୍ୱଳ ପୁଟେଲ, କୃଷିବିଭାଗ ପୂର୍ବତନ କୃଷି ଅଧିକାରୀ ଦାଶରଥୀ ବେହେରା,ଏଓ କିଶୋର କୁମାର ଭୋଇ, ୟୁନିସେଫର ଦୀପକ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ରାଧେକୃଷ୍ଣ ଦୀପ ପ୍ରଡ୍ୟୁଶର କମ୍ପାନୀ ମଧ୍ୟମରେ ଯୋଗାଇ ଦିଆଯାଉଥିବା ଯୋଜନର ସଦ୍‌ବିନିଯୋଗ, ୨୦୨୧-୨୨ ଆର୍ଥିକ ବର୍ଷର ଆୟବ୍ୟୟର ଉପଯୋଗ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୩ ବିଏଲଓ ମାଧୁରୀ ତାଣ୍ଡି, ହେମକାନ୍ତି ପୁଟେଲ ଓ ପ୍ରମୋଦିନୀ ସାହୁଙ୍କୁ ତାଙ୍କ କାର୍ଯ୍ୟ ଯୋଗୁଁ ପ୍ରଶଂସା କରାଯାଇଥିଲା। ଜୟସିଂ ନଛୋର, ସଞ୍ଜିତା ହାତୀ, ଲଳିତ ରଣା, ମହେନ୍ଦ୍ର ବାଗ, ସୁଶୀଲ କୁମାର ସାହୁ, ଆଶିଷ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦ୍ରୁତ ସଫେଇ ସହରରେ ଜୁନାଗଡ଼ ଏନ୍‌ଏସି ପୁରସ୍କୃତ




ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି, ନିକଟରେ ଜୁନାଗଡ ନଗରପାଳ, ଜିଲାପାଳ ଓ ଅନ୍ୟମାନେ ଅଛନ୍ତି।

**ଭବାନୀପାଟଣା,୧।୧୦(ସ୍ୱ.ପ୍ର.)**

**ଦିଲ୍ଲୀରେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ କାର୍ଯ୍ୟକ୍ରମ**

ଆଜାଦୀ କା ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦିଲ୍ଲୀର ତାଲକଟୋରା ଷ୍ଟାଡିୟମରେ ଶନିବାର ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଗୃହ ଓ ନଗର ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବ ଭାରତର ୧୫ରୁ ୨୫ ହଜାର ଜନସଂଖ୍ୟା ବିଶିଷ୍ଟ ଦ୍ରୁତ ସଫେଇ ସହରରେ ଜୁନାଗଡ ଏନ୍‌ଏସିକୁ ପୁରସ୍କୃତ କରାଯାଇଛି। କେନ୍ଦ୍ର ଗୃହ ଓ ନଗର ବିକାଶ (ରାଜ୍ୟ)ମନ୍ତ୍ରୀ କୌଶଲ କିଶୋର ଉପସ୍ଥିତ ରହି ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହାକୁ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର ଗ୍ରହଣ କରିଥିବା ବେଳେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ଅରୁଣ ବେହେରା ଓ ସାନିଟାରୀ ଏକ୍ସପାର୍ଟ ବାଳକୃଷ୍ଣ ବନ୍‌ଜାରା ଉପସ୍ଥିତ ଥିଲେ। ଆଗାମୀ ଦିନରେ ଜୁନାଗଡ ଏନଏସି ସ୍ୱଚ୍ଛ ସର୍ବେକ୍ଷଣରେ ସାରା ଦେଶରେ ୧ ନମ୍ବର ହେବା ପାଇଁ ପ୍ରୟାସ ଜାରି ରହିଛି। ଏହି ପୁରସ୍କାର ପାଇଁ ଜୁନାଗଡ ନଗରବାସୀ,ସ୍ୱଚ୍ଛ ସାଥୀ, ସଫେଇ କର୍ମଚାରୀ ଓ ଏନ୍‌ଏସି କର୍ମଚାରୀଙ୍କୁ ନଗରପାଳ ଅଗ୍ରୱାଲ ଶ୍ରେୟ ଦେଇଛନ୍ତି।

## ଏନ୍‌ପିଏସ୍ ଶିକ୍ଷକ ସଂଘ ବୈଠକ

**ବେଲପଡା,୧।୧୦(ଡି.ଏନ.ଏ.)**

ବେଲପଡା କୀର୍ତ୍ତନ ସରକାରୀ ବିଦ୍ୟାଳୟ ପରିସରରେ ବେଲପଡା ଏନପିଏସ ଶିକ୍ଷକ ସଂଘର ବୈଠକ ଶିକ୍ଷକ ଯୁବରାଜ ବିଭାର ଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ସରକାରଙ୍କ ଶିକ୍ଷକମାରଣ ନୀତିକୁ ସମାଲୋଚନା କରାଯାଇଥିଲା। ଏନପିଏସ କ୍ୟାଡରକୁ ବିରୋଧ କରାଯାଇ ଶିକ୍ଷକମାନଙ୍କୁ ଓପିଏସରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଥିଲେ ବି ତାରି ସମାଧାନ ନହେବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଆସନ୍ତା ୧୫ ତାରିଖରେ ଓପିଏସ ଲାଗୁ କରିବା ପାଇଁ ସଂଘ ବେଲପଡାରେ ଆନ୍ଦୋଳନ କରିବା ପାଇଁ ସ୍ଥିର ହୋଇଥିଲା। ଏହି ଅବସରରେ ଶିକ୍ଷକ ସଂଘର ନୂତନ କମିଟି ମନୋନୟନ କରାଯାଇଥିଲା। ସଭାପତି ନରେଶ ସେଠ, ଉପ ସଭାପତି ଜଗଜ୍ଜିବନ ଖମାରୀ, ସମ୍ପାଦକ ଯୁବରାଜ ବିଭାର, ସହ ସମ୍ପାଦକ ବିପି ସିଂ ନାଏକ, କୋଷାଧ୍ୟକ୍ଷଭାବେ ନିରାକାର ମେହେରଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ଦେବାନନ୍ଦ ମେହେର, ବୁଦ୍ଧୁ ବାଗ, ଦୁର୍ଯ୍ୟୋଧନ ଚିରାଙ୍ଗୁଲ, ଗୋଲାପ ବିଶ୍ୱାଳ, ଟିକେଶ୍ୱରୀ ମାଝି ଉପସ୍ଥିତ ଥିଲେ ।

## ସାଉନ୍ତମୁଣ୍ଡା-କାଲିଝରନ ରାସ୍ତାର ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ବଲାଙ୍ଗୀର ଅଫିସ, ୧।୧୦**

ବଲାଙ୍ଗୀର ସଦର ବ୍ଲକ ସାଉନ୍ତମୁଣ୍ଡାଠାରେ ଶନିବାର ସାଉନ୍ତମୁଣ୍ଡା-କାଲିଝରନ ରାସ୍ତାର ଶିଳାନ୍ୟାଶ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଦୀର୍ଘ ୧୧ କି.ମି. ରାସ୍ତାର ଅଟକଳ ରହିଛି ୭ କୋଟି ୬୧ ଲକ୍ଷ ଟଙ୍କା। ବହୁ ଦିନରୁ ଦାବି ହେଉଥିବା ଏହି ରାସ୍ତା ଯୋଗୁଁ ଏହି ବ୍ଲକର ସିନଖମନ, କନକପୁର, ସାଉନ୍ତମୁଣ୍ଡା, ଖଇସାବାହାଲ, ଶିକାଛିଡା, କୁଡାସିଂହା, ପ୍ରତାପପୁର, ଚିକଲବାହାଲ, ବିଡିଘାଟ, ପରଧିଆପାଲି, କାଲିଝରନ, ଘୁସୁରାଡୁଙ୍ଗୁରି, ଚାଣ୍ଡିମୁଣ୍ଡା ଏବଂ ଫଟକରା ଗ୍ରାମାଞ୍ଚଳର ପାଖାପାଖି ୧୨ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଭିତ୍ତିପ୍ରସ୍ତର ପରିବର୍ତ୍ତି ସଭାରେ ବିଧାୟକ ମିଶ୍ର ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ କହିଥିଲେ ଏହି କାମ ଆସନ୍ତା ବର୍ଷ ଜୁନ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏହି କାମ ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଯେପରି ଠିକ୍ ହିସାବରେ ଓ ଠିକ୍ ସମୟରେ କାମ ସମ୍ପୂର୍ଣ୍ଣ କରିପାରିବ ସେ ଦିଗରେ ଅଧିକାରୀମାନେ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା, ସହକାରୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ରାଉତଙ୍କ ସମେତ ରାମ ପ୍ରସାଦ ମିଶ୍ର, ସରୋଜ କୁମାର ରଥ, ଜୁଲୁ ପଟ୍ଟନାୟକ, ଜୟ ସାହୁ, ରଙ୍ଗାଧର ବାଗ, ଗୋପାଳ ଧରୁଆ, ଉମାକାନ୍ତ ନାଏକ ଉପସ୍ଥିତ ଥିଲେ।

# ମାନିଗୁଡ଼ା ଦଳ ଚାମ୍ପିୟନ

**ନୂଆପଡ଼ା ଅଫିସ, ୧।୧୦**

**ରୟାଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣିଆରି ଖେଳ ପଡିଆରେ ରୟାଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୫ମ ରୟାଲ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ତରବୋଡ ଓ ମାନିଗୁଡା ମଧ୍ୟରେ ଖେଳା ଯାଇଥିଲା। ମାନିଗୁଡା ଦଳ ୪-୨ ଗୋଲରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟ ଅତିଥି, ନୂଆପଡା ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆ, ନେହେରୁ ଯୁବ କେନ୍ଦ୍ର ନୂଆପଡା ଯୁବ ଅଧିକାରୀ ଆଶିଷ କୁମାର ଠାକୁର, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ନେମିଚନ ଅହିର, ପିତାମ୍ବର ଅଦା, ପରମେଶ୍ୱର ହଂସ, ଯଶୋବନ୍ତ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅଫ ଦଳକୁ ମୁଖ୍ୟ ଅତିଥି ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଦିନେଶ ନାୟକ, ବନ ପୋଡ, ରାହୁଲ ଶବର, ବିକି ସାହୁ, ଅମଣ ଛତ୍ରୀ ଖେଳ ପରିଚାଳନା କରିଥିଲେ। ରୟାଲ କ୍ଲବ ସଦସ୍ୟ ଟିକେଶ୍ୱର ହଂସ, ଥୟରାମ ହଂସ, ମୋହନ ହଂସ, ଲିଙ୍ଗରାଜ ଅଦା, କୈସପ ଶଗରିଆ, ପ୍ରତାପ ହଂସ, ସହଦେବ ଥପା, କୈଳାସ ଧରୁଆ, ପିଙ୍କୁ ନିଆରି, କୃଷ୍ଣ ବେମାଲ, ସାବନ ହୋତା ପ୍ରମୁଖ ସହଯୋଗ କରିଛନ୍ତି।



ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ବଲାଙ୍ଗୀର ଦିନ୍ ସ୍ମରଣିକା, ସମ୍ମାନ କମିଟି ବୈଠକ

**ବଲାଙ୍ଗୀର ଅଫିସ,୧।୧୦**

ସ୍ଥାନୀୟ ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଦିନ ସ୍ମରଣିକା ଓ ସମ୍ମାନ କମିଟିର ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ସଭାପତି ଅଙ୍କୁଶ ପାଣ୍ଡିଆଙ୍କ ସଭାପତିତ୍ୱ ତଥା ସମ୍ପାଦକ ପ୍ରଶାନ୍ତ ମହାକୁରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ସହରର ମାଣ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସ୍ତମ୍ଭକାର ଯୋଗଦାନ କରିଥିଲେ। ଆସନ୍ତା ନଭେମ୍ବର ୧ରେ ବଲାଙ୍ଗୀର ଦିନ ପାଳନ ହେବ। ଅକ୍ଟୋବର ଶେଷ ସପ୍ତାହରୁ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ଦୁଇ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଆସୁଥିବା ବେଳେ ଚଳିତ ବର୍ଷ ସ୍ମରଣିକା ଓ ବଲାଙ୍ଗୀର ବିଷୟ ସମ୍ପର୍କିତ ସମ୍ମାନକୁ ବେଶ ଗୁରୁତ୍ୱାରୋପ ଦେଇଛି କମିଟି। ସ୍ମରଣିକାରେ ଅବିଭକ୍ତ ବଲାଙ୍ଗୀର ଜିଲାର ସଂସ୍କୃତି, ଐତିହ, ପରମ୍ପରା, କୃତୀ, ବୀରତ୍ୱର ଗାଥା, ଅନାଲୋଚିତ କଥା ଝଲସିବ ବୋଲି ମତପ୍ରକାଶ ପାଇଥିଲା। ବଲାଙ୍ଗୀର ଦିନ ଉପଲକ୍ଷେ ସ୍ମରଣିକାର ନାମକରଣ ବିଚାର ବିମର୍ଷ ପରେ ଖୁବଶୀଘ୍ର ଘୋଷଣା କରାଯିବ। ସଭାରେ ଉପଦେଷ୍ଟା ମଣ୍ଡଳୀର ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସ୍ତମ୍ଭକାର ତଥା ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା, ରତନ ମହାରଣା, ସମ୍ମାନ କମିଟି ପ୍ରମୁଖ ବୀରେନ୍ଦ୍ର କୁମାର ଝାଙ୍କର, ସ୍ମରଣିକା କମିଟି ମୁଖ୍ୟ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ବିଭୁ କଲ୍ୟାଣ ଗଡ଼ତ୍ୟା, ସଦସ୍ୟା ଆବାହିକା ଗବେଷିକା ସୀମାରାଣୀ ରଥ, କସ୍ତୁରୀ ରଥ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତ୍ରଶିଳ୍ପୀ ଦିଲୀପ କୁମାର ସିଂଦେଓ, ପତିତପାବନ ଏକାଡେମୀ ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ, କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ମିଶ୍ର, ଦିନେଶ ଶର୍ମା, ବିବେକାନନ୍ଦ ପଟେଲ, ରାମ ଶଙ୍କର ଶତପଥୀ, ସୌମ୍ୟ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ । ଯୁଜେଷ୍ଟି ମେହେର ଧନ୍ୟବାଦ ଦେଇଥିଲେ।



ବଲାଙ୍ଗୀର ଦିନ ସ୍ମରଣିକା କମିଟି ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

**ଝଲସିବ ଅବିଭକ୍ତ ବଲାଙ୍ଗୀର ଜିଲା ସଂସ୍କୃତି, ଲୋକ ପରମ୍ପରା**

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨ ଅକ୍ଟୋବର, ୨୦୨୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୧,୧୯,୮୭୮ | ୬୫,୪୯,୭୨୪ | ୬୦,୨୮,୫୮,୪୮୬ |
| ଭାରତ | ୪,୪୫,୯୧,୧୧୨ | ୫,୨୮,୬୫୫ | ୪,୪୦,୨୪,୧୬୪ |
| ଓଡ଼ିଶା | ୧୩,୩୪,୨୩୬ | ୯୧୯୪(+୫୩) | ୧୩,୨୩,୬୪୬ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ବାଇକ ଦୁର୍ଘଟଣାଗ୍ରସ୍ତ, ଆରୋହୀ ମୃତ

**ଅମରପାଲି,୧।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ନୁଆଁପାଲି କେନାଲ ଛକ ନିକଟରେ ଶନିବାର ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଲୁଣ୍ଡା ବ୍ଲକ ଜଗନ୍ନାଥପାଲି ଗ୍ରାମର ତ୍ରିଲୋଚନ ପଧାନ(୨୬)। ସେ କୌଣସି କାମରେ ଜଗନ୍ନାଥପାଲିରୁ ବାହାରି ଡାହୁନିପାଲି, କୁଲ୍ଥିପାଲି ରାସ୍ତା ଦେଇ ଆସୁଥିବା ସମୟରେ ନୁଆଁପାଲି କେନାଲ ଛକ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ଅବସ୍ଥାରେ ତ୍ରିଲୋଚନଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୀରମହାରାଜପୁର ଥାନାରେ ଏକ ମାମଲା(୧୯୯/୨୨)ରୁଜୁ ହୋଇଛି।

### ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ୨୦ୟୁନିଟ ରକ୍ତ ସଂଗ୍ରହ

**ସୋନପୁର,୧।୧୦(ନି. ପ୍ର ):** ସୁବର୍ଣ୍ଣପୁର ଜିଲାର ଅର୍ଯ୍ୟବର୍ତ୍ତ ଆଶ୍ରମ ଜନମୂରାରେ ପତଞ୍ଜଳି ଯୁବ ଭାରତ ସୁବର୍ଣ୍ଣପୁର ତରଫରୁ ଏକ ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ସାହୁ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁକୂଳ ଚନ୍ଦ୍ର ମହାନ୍ତି, ନାରୀନେତ୍ରୀ ଇନ୍ଦୁମତି ପୁରୋହିତ, ଜିଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ଯୁବ ଭାରତ ଜିଲା ସଭାପତି ସତ୍ୟବାନ ମିଶ୍ର ଓ କିଷାନ ପ୍ରଭାରୀ ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଶିବିର ଆୟୋଜନ କରିଥିଲେ। ଅତିଥିଭାବେ ମୁକୁନ୍ଦ ସାହୁ, ପୁରୁଷୋତ୍ତମ ସାହୁ, ଆଷାଧୁ ପ୍ରଧାନ, ଶଙ୍କର ନାୟକ, ପିଣ୍ଟୁ କର୍ମୀ, ଚୂଡ଼ାମଣି ପ୍ରଧାନ, ସୁରେଶ ସେଠୀ, ଆଦର୍ଶ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ ଓ ଗଣେଶ ପ୍ରଧାନଙ୍କୁ ରକ୍ତ ବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ରକ୍ତକେନ୍ଦ୍ରର ଡାକ୍ତର ଦୁର୍ଗାଦତ୍ତ ଦାସ, ଜଗତ ଦରୁଅନ, ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଇକମାଲ, ୧।୧୦(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ପଲସଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦ୍ୱିତୀୟ ବେସେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷାଧିକାରୀ ଚୂଡାମଣି ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ଚକ୍ରଧର ଅଜଗର ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

**ବୌଦ୍ଧ,୧।୧୦(ସ୍ୱ.ପ୍ର.):** ଶନିବାର ଥିଲା ଅନ୍ତର୍ଜାର୍ତିକ ବରିଷ୍ଠ ନାଗରିକ ଦିବସ । ଏହି ଅବସରରେ ବୌଦ୍ଧ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଟାଉନହଲଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ । ଜିଲାର ୩ ଗୋଟି ବ୍ଲକ ପାଇଁ ୩ ଗୋଟି ପଞ୍ଜୀକରଣ କେନ୍ଦ୍ର ଖୋଲା ଯାଇଥିବା ବେଳେ ୨୨ ଗୋଟି କାଉଣ୍ଟରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଯାଇଥିଲା। ସର୍ବମୋଟ ୭୮୯ ଜଣ ବୟସ୍କ ନାଗରିକ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ହୋମିଓପ୍ୟାଥିକ, ଆୟୁର୍ବେଦିକ, ଭେଷଜ, କର୍ଣ୍ଣ, ନାସା ଓ ଗଳା, ଚକ୍ଷୁ, ଚର୍ମ, ଅସ୍ଥିଶଲ୍ୟ, ସ୍ନାୟୁ, ହୃଦରୋଗ , ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ ବିଭାଗର ଡାକ୍ତରମାନେ ଯୋଗ ଦେଇ ଚିକିତ୍ସା କରିଥିଲେ । ଶିବିରରେ ଭେଷଜ ବିଶେଷଜ୍ଞ ଡା. ଶୈଳେଶ କୁମାର ଧଳ, ଅଶୋକ କୁମାର ପ୍ରଧାନ , ଡା.କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ଜୟକାନ୍ତ ବଳିଆରସିଂ, ଚର୍ମ ବିଶେଷଜ୍ଞ ଡ. ରଞ୍ଜନ ସାହୁ, ଶିଶୁରୋଗ ବିଶେଷଜ୍ଞ ଡ. ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଯା ଶିବିରରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପୂଜାହାରୀ, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ସିଡିଏମଓ ଅଭୟ ଦାଶ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନ କୁମାର ମେହେର, ଉପଜିଲାପାଳ ସତନ କୁମାର ନାଏକ, ଅଙ୍ଗନୱାଡି କର୍ମୀ, ଆଶକର୍ମୀ, ସେବିକାମାନେ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ରୋଗର ପରୀକ୍ଷା କରାଯାଇ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।

## ପଥ ପ୍ରଦର୍ଶକ ହୁଅନ୍ତୁ ବରିଷ୍ଠ ନାଗରିକ

**ଅମରପାଲି,୧।୧୦(ଡି.ଏନ.ଏ)**


ବୟୋଜ୍ୟେଷ୍ଠ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ପଥ ପ୍ରଦର୍ଶକ ହୁଅନ୍ତୁ ବରିଷ୍ଠ ନାଗରିକ। ସେମାନଙ୍କ ଅନୁଭୂତି ସମାଜର ଉନ୍ନତିରେ ସହାୟକ ହେଉ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଶନିବାର ଅନୁଷ୍ଠିତ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳନ ସଭାରେ ଉପସ୍ଥିତ ଅତିଥିମାନେ ଏହା କହିଛନ୍ତି। ବରିଷ୍ଠ ନାଗରିକ ସଙ୍ଗଠନ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ପୌରୋହିତ୍ୟ କରିଥଇଲେ। ଅନୁଷ୍ଠିତ ସଭାରେ ପ୍ରସନ୍ନ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଏବଂ ନାରାୟଣ ନାୟକ ଓ ଧ୍ରୁବଚରଣ ଖେତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ସନ୍ତୋଷ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ସଭାପତି ଭଗବାନ ମିଶ୍ର, ଉପସଭାପତି ସୁଦାମ ସେଠୀ, ଗୋଲେକ ଦେହେରୀ, ରବି ନାରାୟଣ ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ନାଗରିକ ଗୋଦାବରୀ ପୁରୋହିତଙ୍କୁ ସମ୍ମାନୀତ କରାଯାଇଥିଲା। ଭୂଷଣ ପାତ୍ର ସଭା ପରିଚାଳନା, ସଙ୍ଗଠନ କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲରେ ଛାତ୍ରଙ୍କୁ ମାଡ, ୩ଶିକ୍ଷକଙ୍କ ନାମରେ ମାମଲା

**ଡୁଙ୍ଗୁରିପାଲି, ୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶୁଖା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟରେ ଜଣେ ଛାତ୍ରଙ୍କୁ ମାଡ ମାରିବା ସହ ଜାତିଆଣ ଆକ୍ଷେପ କରିବା ଅଭିଯୋଗ ହୋଇଛି। ଗତ ୨୯ତାରିଖ ଗୁରୁବାର ଏପରି ଘଟଣା ଘଟିଥିଲେ ବି ଶନିବାର ଏ ନେଇ ଡୁଙ୍ଗୁରିପାଲି ଥାନାରେ ସ୍କୁଲର ୩ଶିକ୍ଷକଙ୍କ ନାମରେ ମାମଲା ହୋଇଛି। ମାଡ ଖାଇଥିବା ଛାତ୍ରଙ୍କ ମା'ଙ୍କ ଅଭିଯୋଗ ଅନୁସାରେ ମଧାହ୍ନଭୋଜନ ଚାଲିଥିବା ବେଳେ ସ୍କୁଲର ଶିକ୍ଷକ ତ୍ରିପତି ମେହେର ତାଙ୍କ ପୁଅକୁ ମାଡ ମାରିଥିଲେ। ଏଥିରେ ସହ ଶିକ୍ଷୟିତ୍ରୀ ମଞ୍ଜୁ ପିଙ୍କ, ଜୟନ୍ତୀ ଶତପଥୀ ସହଯୋଗ କରିଥିବା ଦର୍ଶାଯାଇଛି। ଘରକୁ ଆସି ପୁଅ ସବୁ କଥା କହିବା ସହ ମାଡ ଖାଇଥିବା ଶରୀର ଦେଖାଇଥିଲା। ଅଭିଯୋଗକୁ ଭିତ୍ତି କରି ଡୁଙ୍ଗୁରିପାଲି ଥାନାରେ ଦଫା ୩୪୧, ୩୨୩, ୩୪, ୩(୨)(ଭିଏ) ଏକ ମାମଲା(୨୦୦/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ କହିଛନ୍ତି। ଅପରାହ୍ନରେ ସମ୍ପୃକ୍ତ ଛାତ୍ରଙ୍କ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସନ୍ଧ୍ୟାରେ ସୁବର୍ଣ୍ଣପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗୀ ଶୁଖା ଗ୍ରାମକୁ ଯାଇ ସରଜମିନ ତଦନ୍ତ କରିଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଏ ନେଇ ତାଙ୍କ ପାଖରେ ଖବର ନ ଥିବା କହିଛନ୍ତି।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**ସୋନପୁର,୧।୧୦(ନି. ପ୍ର )**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶନିବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଡିଏଲଏସଏ ସମ୍ପାଦକ କୁମୁଦିନୀ ମୁଦୁଲି, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡଃ ରମେଶ ଚନ୍ଦ୍ର ସାଇଁ, ବରିଷ୍ଠ ନାଗରିକ ସଂଘ ସୁବର୍ଣ୍ଣପୁର ଜିଲା ସଭାପତି ଡଃ ଜ୍ୟୋତି ରଞ୍ଜନ ବହିଦାର, ବୀରମହାରାଜପୁର ସଂଘ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ସକାଳେ ଗୋପାଳଜୀ ତଡିମନ୍ତ୍ରଶାସ ଯୋଗାଳୟ ତରଫରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଗ ଶିବିର ଆୟୋଜନ ହୋଇଥିଲା। ଶିବିରକୁ ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ପରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥିମାନେ ଦିବସର ତାତ୍ପର୍ଯ୍ୟ ବୁଝାଇବା ସହିତ ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ପାରିବାରିକ, ସାମାଜିକ, ବ୍ୟକ୍ତିଗତ ସମସ୍ୟାକୁ କିଭଳି ଭାବରେ ସାମନା କରିବେ ସେଇ ସମ୍ବନ୍ଧରେ ଉପଦେଶ ଦେଇଥିଲେ। ବ୍ରହ୍ମାକୁମାରୀ ବିକେ ସ୍ନେହା ମନର ଶାନ୍ତି ପାଇଁ ରାଜଯୋଗ ଆପଣାଇ ନେବା ପାଇଁ ଅନୁରୋଧ କରିଥିଲେ। ୬ ଗୋଟି ବ୍ଲକରୁ ଚୟନ ହୋଇଥିବା ଦୁଇ ଜଣ ଲେଖାଏ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ସଂଘ ତରଫରୁ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ଡଃ ରାଜେନ୍ଦ୍ର କୁମାର ମିଶ୍ର, ପ୍ରଦୀପ କୁମାର ପୁରୋହିତ, ପ୍ରୋଫେସର ଲୋକେଶ ଚନ୍ଦ୍ର ପ୍ରଧାନ, ଡଃ ସନ୍ତୋଷ କୁମାର ପାଢୀ, ଡଃ ସରୋଜ କୁମାର ପଟେଲ, ଶିବରାମ ପଟ୍ଟନାୟକ, ସୁଧାଂଶୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠଙ୍କ ଦିଗ୍‌ଦର୍ଶନରେ ବିକାଶ ସମ୍ଭବ

**ବରଗଡ଼ ଅଫିସ,୧।୧୦**

ବରଗଡ଼ କଲ୍ୟାଣ ମଣ୍ଡପରେ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଶନିବାର ପାଳିତ ହୋଇଛି। ଏଥିରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ବରିଷ୍ଠ ନାଗରିକ ସଂଘ ଉଦ୍ୟମରେ ହେଉଥିବା ବହୁବିଧ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠମାନଙ୍କ ଅନୁଭବ ଓ ଦିଗ୍‌ଦର୍ଶନରେ ଜିଲାର ସାମଗ୍ରିକ ଉନ୍ନତି ସମ୍ଭବ ବୋଲି କହିଥିଲେ। ଏସ୍‌ପି ପରମାର ସ୍ମିତ ପୁରୁଷୋତ୍ତମ ଦାଶ ସାମାଜିକ ସୁରକ୍ଷା ଓ ପରିଚୟ ପତ୍ରକୁ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ପଟେଲ ବରିଷ୍ଠମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ବିଭୂ କଲ୍ୟାଣ ପାଢୀ ଆଇନଗତ ସୁବିଧା ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ଦୁର୍ଗା ପ୍ରସାଦ ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହମ୍ମଦ ତାହର ହୁସେନ ସଭା ପରିଚାଳନା କରିଥିଲେ । ଉତ୍ସବରେ ସମାଜସେବା ପାଇଁ ସଂକଳ୍ପ, ନିଷ୍ଠା ଓ ସଂଯୁକ୍ତ ଯୁବ ସଙ୍ଗଠନ ସମେତ ଅନ୍ୟ ୫ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିର୍ମଳ କିଶୋର କର ଓ ଅଶୋକ ପଶାୟତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିବା ସଭାପତି ପ୍ରମୋଦ ଝାଙ୍କର ସୂଚନା ଦେଇଛନ୍ତି।

## କଳାପଥର କଲେଜରେ ଯୁବ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଅମରପାଲି,୧।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋନପୁର ନେହେରୁ ଯୁବକେନ୍ଦ୍ର ତରଫରୁ ବ୍ଲକସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ଉଦ୍‌ଘାଟନ କରିଥିଲେ। ଯୁବ ସମାଜ କିପରି ରାଷ୍ଟ୍ର ନିର୍ମାଣରେ ସହାୟକ ହେବେ ତାହା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ବିଷୟରେ ପ୍ରତିଯୋଗୀତା ହୋଇଥିଲା। ବିଚାରକଭାବେ ଅଧ୍ୟାପକ କିଶୋର କୁମାର ସାହୁ, ଶଶାଙ୍କ ଶେଖର ଶୁଆର, ପ୍ରତିମା ବାରିକ, ଦେବଜାନୀ ମେସୁଆ, ଗୋପିନାଥ ଧରୁଆ ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ଧବଳେଶର ଭୁକ୍ତା ସ୍ୱାଗତ ଭାଷଣ ଦେଇଥିବା ବେଳେ ହୃଷିକେଶ ଦେହେରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସବୁ ବିଭାଗରୁ ଚୟନ ହୋଇଥିବା କୃତି ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବା ପାଇଁ ମନୋନୀତ କରାଯାଇଛି। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ଅଧ୍ୟାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଖେଳାଳି ଓ ଅତିଥି।

**ବୌଦ୍ଧ,୧।୧୦(ସ୍ୱ.ପ୍ର.)**

ବୌଦ୍ଧ କଚେରୀ ପଡିଆରେ ଗେହ୍ଲାମା କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଦିବସରେ ପ୍ରଥମ ଖେଳ ନୂଆସାହି ଜୁନିୟର ଓ ସରସରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଫୁଟବଲ ଖେଳାଳି ସତ୍ୟପ୍ରକାଶ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ସରସରା ଦଳ ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲରେ ବିଜୟୀ ଲାଭ କରିଥିଲେ। ସେହିପରି ଦ୍ୱିତୀୟ ଖେଳ ଜୟଭୈରବୀ କ୍ଲବ ଓ ବଲାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୨-୦ ଗୋଲରେ ବଲାସିଙ୍ଗା ଦଳ ବିଜୟୀ ଲାଭ କରିଥିଲେ। ଖେଳକୁ ରେଫରି ଶେଷଦେବ ବେହେରା, ବିକ୍ରମ ନାଏକ, ଗରିବ ବେହେରା, ଅମିତ ନାଏକ ଓ ବଳରାମ ବେହେରା ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟ ଗେହ୍ଲାମା କ୍ଲବ ପକ୍ଷରୁ ଅନୁଷ୍ଠିତ ହେଉଛି ।

## ଶତାୟୁଙ୍କୁ ସମ୍ବର୍ଦ୍ଧିତ କଲେ ଉପଜିଲାପାଳ

**ଅମରପାଲି,୧।୧୦(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଆମ୍ବସରଭଙ୍ଗା ଓ ଟେଭାପଦର ଗ୍ରାମରେ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସରେ ଦୁଇ ଜଣ ବୃଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଉପଜିଲାପାଳ ଅଶୋକ କୁମାର ଭୋଇ। ଆମ୍ବସରଭଙ୍ଗା ଗ୍ରାମର ବୁଥ ନମ୍ବର ୨୬୪ର ୧୦୧ ବର୍ଷିୟା ଭାମା ମହାଲିକ ଏବଂ ଟେଭାପଦର ଗ୍ରାମର ବୁଥ ନମ୍ବର ୨୬୫ର ୧୦୩ ବର୍ଷିୟା ଲକ୍ଷ୍ମୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନଙ୍କ ଘରକୁ ଯାଇ ଉପଜିଲାପାଳ ସମ୍ବର୍ଦ୍ଧିତ କରିଛନ୍ତି। ଉପଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ ପି.କେ .ମହାନ୍ତି, ବିଏଲଓ ସୁପରଭାଇଜର ସୁନୀଲ ମହାପାତ୍ର, ବିଏଲଓ ପଙ୍କଜ ତାଣ୍ଡିଆ, ସନ୍ତୋଷ କୁମାର ମହାଲିକ ଏବଂ ମନରଞ୍ଜନ ବାଘ ଉପସ୍ଥିତ ଥିଲେ।

## ଅତାବିରାରେ ରାମଲୀଳା ମହୋତ୍ସବ

**ଜାମଟିକ୍ରା,୧।୧୦(ଡି.ଏନ.ଏ.)**

ଶାରଦୀୟ ଦୁର୍ଗାପୂଜା ଅବସରରେ ଅତାବିରା ଡିପିଇପି କାର୍ଯ୍ୟାଳୟ ନିକଟରେ ଦୁର୍ଗାପୂଜା କମିଟି ତରଫରୁ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଛି। ଗୁରୁବାର ରାତିରେ ପୂଜା କମିଟି ସଭାପତି ଦୈତାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଥାନାଧିକାରୀ ଅନୀଲ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉପସଭାପତି ସୁରେନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ସୀତା ସ୍ୱୟମ୍ବର ମଞ୍ଚସ୍ଥ ହୋଇଥିଲା। ଗୋପାଳ ଦାଶ ରାବଣ ଭୂମିକାରେ ଅଭିନୟ କରୁଥିବା ବେଳେ ସୁନୀଲ କୁମାର ବିଶ୍ୱାଳ ରାମ ଓ କିଶୋର ଡନସନା ଲକ୍ଷ୍ମଣ, ଲିଲି ତାଣ୍ଡି ସୀତା, ପଞ୍ଚାନନ ଥନାପତି ବିଶ୍ୱାମିତ୍ର, ନେତ୍ରରଣା ପର୍ଶୁରାମ, ଜଗଦୀଶ ଚନ୍ଦ୍ର ମିଶ୍ର ସେନାପତି, ଅରୁଣ କାରସାଲି ମନ୍ତ୍ରୀ ଭୂମିକାରେ ଅଭିନୟ କରୁଛନ୍ତି। ରାବଣ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ବିଭିନ୍ନ ଦିବସରେ ରାଜ ଅତିଥିମାନେ ଉପସ୍ଥିତ ରହୁଛନ୍ତି। ଉନ୍ନିକ୍ରିଷ୍ଣା ନାୟାର, ଅଭିନାଶ ପ୍ରଧାନ, ବିରେନ୍ଦ୍ର କର, ରାଜେଶ ପ୍ରଧାନ, ମୁକେଶ ମାଣେକ, କାଦିର ଖାନ, ଅଶୋକ ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ। ଆସନ୍ତା ବୁଧବାର ଦଶମୀ ଦିନ ରାବଣ ପୋଡି ସହ ରାମଲୀଳା ଉଦ୍‌ଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## ୬ ଶତାୟୁଙ୍କୁ ସମ୍ମାନିତ କଲା ପ୍ରଶାସନ


ଜଣେ ଶତାୟୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବିନିକା, ୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପ୍ରଶାସନ ଶନିବାର ଶହେବର୍ଷରୁ ଉର୍ଦ୍ଧ୍ୱ ୬ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରିଛି। ସେମାନେ ହେଲେ ଶଙ୍କରା ଗାଁର ଜଗଦୀଶ ନାଏକ, ସରସ୍ୱତୀ ସାଣ୍ଢ, ଚରଦା ଗ୍ରାମର ଶନିବାରୀ ଜଗଦଲା, ଫବସି ଗ୍ରାମର ବିନ୍ଦୁ ଭୋଇ, ପଥରଖଣ୍ଡିର ମାଧବ ନାଗ ଏବଂ ଅରିଗାଁର ଦୟାନିଧି ପୁରୋହିତ। ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ବିନିକା ବିଡ଼ିଓ ବ୍ୟାସଦେବ ବେହେରା, ସରପଞ୍ଚ ଅଶୋକ ପୃଷ୍ଟି, ସିଆରସିସି ସଂଘ ସଭାପତି ଜୟନାରାୟଣ ପୂଜାରୀ ସମ୍ପୃକ୍ତ ବୟୋଜ୍ୟେଷ୍ଠମାନଙ୍କ ଘରକୁ ଯାଇ ଉପଢୌକନ ଏବଂ ନିର୍ବାଚନ କମିଶନଙ୍କ ପ୍ରଦତ୍ତ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ବୃଦ୍ଧାବୃଦ୍ଧମାନେ ୧୦୦ ବର୍ଷ ବୟସ ହୋଇଥିଲେ ବି ନିର୍ବାଚନ ସମୟରେ ନିଜର ମତାଧିକାର ସାବ୍ୟସ୍ତ କରିଆସୁଛନ୍ତି। ସମ୍ବର୍ଦ୍ଧିତ ହେବା ଅବସରରେ ଖୁସିରେ ବିଭୋର ହୋଇ ଶଙ୍କରା ଗାଁର ଜଗଦୀଶ ନାଏକ ସଙ୍ଗୀତ ଗାଇଥିଲେ। ଏଡି ସମୟରେ ବିଏଲଓ ସ୍ମିତା ଜଗଦଲା, ସୁରଭି ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଡୁଙ୍ଗୁରିପାଲି, ୨।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନୀ ପାଣ୍ଡେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିବିରରେ ୩୬୨ଭିନ୍ନକ୍ଷମଙ୍କର ଡାକ୍ତର ସଞ୍ଜୟ ପ୍ରଧାନ ଓ ଶାନ୍ତନୁ ମେହେର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।


ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭିନ୍ନକ୍ଷମମାନେ।

## କ୍ଷେତ୍ରପାଳ କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସଭା

**ସୋନପୁର,୧।୧୦(ନି.ପ୍ର.)**



ବାର୍ଷିକ ସାଧାରଣ ସଭାରେ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଇରଟିକ୍ରା ସ୍ଥିତ କ୍ଷେତ୍ରପାଳ କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ କମ୍ପାନୀର ସଭ୍ୟମାନଙ୍କୁ ସେମାନଙ୍କର ଉତ୍ସାହ ବଢାଇବା ଲାଗି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନାବାର୍ଡର ସୁବର୍ଣ୍ଣପୁର ଜିଲା ପରିଚାଳକ ତାପସ ଶଙ୍କର ରାଉତ, କୃଷି ଅଧିକାରୀ ଅମରେଶ ରାଉତରାୟ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ହୃଷିକେଶ ଦାସ, ଆନନ୍ଦ କୁମାର ପଣ୍ଡା ଓ ମୃତ୍ତିକା ବିଶେଷଜ୍ଞ ଗୌରିଶଙ୍କର ସିଂ ଉପସ୍ଥିତ ରହି କୃଷକ ଉତ୍ପାଦକ ସଂଘର ସଦସ୍ୟମାନଙ୍କୁ ଉନ୍ନତ ଧରଣର ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ ଅମରେଶ୍ୱର ମିଶ୍ର କ୍ଷେତ୍ରପାଳ କୃଷକ ଉତ୍ପାଦକ କମ୍ପାନୀର ଅନ୍ୟତମ ଉପଦେଷ୍ଟା ଭାବେ ଯୋଗ ଦେଇ କମ୍ପାନୀକୁ କିପରି ମଜଭୁତ ଭାବେ ଗଢି ଓଡିଶାର ସର୍ବଶ୍ରେଷ୍ଠ କୃଷକ ଉତ୍ପାଦକ ସଂଘ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସେୱାକର ସଂଯୋଜକ ରଞ୍ଜନ କୁମାର ଭୋକ୍ତା ବାର୍ଷିକ ବିବରଣୀ ପାଠ କରିଥିଲେ। କୃଷକ ଉତ୍ପାଦକ କମ୍ପାନୀ ସଭାପତି ତଥା ଅଞ୍ଚଳର କୃଷକ ନେତା ସୁରେଶ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ସମ୍ମାନିତ

ଖଡ଼ିଆଳ,(ଡି.ଏନ.ଏ): ଶନିବାର ବରିଷ୍ଠ ନାଗରିକ ଦିବସ ନୂଆପଡ଼ା ଜିଲା ଖଡ଼ିଆଳରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଖଡ଼ିଆଳ ନିର୍ବାଚନମଣ୍ଡଳୀର ୧୦୦ ବର୍ଷରୁ ଅଧିକ ବର୍ଷିୟାନ ନାଗରିକଙ୍କୁ ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ମୋଟ ୧୨ଜଣ ଶତାୟୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖଡ଼ିଆଳ ଏନଏସିର ବୁଥ ନମ୍ବର ୭୯ ୱାର୍ଡ ନମ୍ବର ୪ର ୧୦୦ବର୍ଷ ବୟସ ହୋଇଥିବା ଜଣେ ମହିଳା ବରିଷ୍ଠ ନାଗରିକଙ୍କୁ ତାଙ୍କ ଘରକୁ ଯାଇ ସମ୍ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖଡ଼ିଆଳ ସୁପରଭାଇଜର ପ୍ରଶାନ୍ତ କୁମାର ପଣ୍ଡା, ବିଏଲଓ ଅନୁଜ ସାହୁ, ସୁପରଭାଇଜର ନିରଞ୍ଜନ ସଲମା, ୱାର୍ଡ ସଭ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଆର୍ଚେରି ପ୍ରତିଯୋଗିତା ଉଦ୍‌ଘାଟିତ

**ଖପ୍ରାଖୋଲ, ୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଖେଳ ପଡିଆରେ ୨୩ତମ ରାଜ୍ୟସ୍ତରୀୟ ଆର୍ଚେରୀ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆର୍ଚେରୀ ସଂଘ ସଭାପତି ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହକୁ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ଥାନା ଅଧିକାରୀ ରମାକାନ୍ତ ସାହୁ, ଆର୍ଚେରୀ ରାଜ୍ୟ ଉପସଭାପତି ପ୍ରଫେସର ସୁଜିତ କୁମାର ସିଂହ, ସମ୍ପାଦକ ଏସ.ପି.ଦାଶ, ଏସ.ଚୌହାନ, ଜିଲା ପରିଷଦ ସଦସ୍ୟା ପ୍ରମିଳା ପାଥର, ଏବିଓ ମିନିକେତନ



ଆର୍ଚେରି ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ବରିହା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଜଗତରେ ଆର୍ଚେରୀର ସ୍ଥାନ ଏବଂ ଗୁରୁତ୍ୱ ଉପରେ ବକ୍ତାମାନେ ମତ ରଖିଥିଲେ। ଖପ୍ରାଖୋଲରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେଉଥିବାରୁ ଆୟୋଜକଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ସଭାକୁ ଅଧ୍ୟାପକ ବଳଭଦ୍ର ଦାଶ ପରିଚାଳନା କରିଥିବାବେଳେ ଜିଲା ସମ୍ପାଦକ ଆଶିଷ କୁମାର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ରବିବାରଠାରୁ ପ୍ରତିଯୋଗିତା ଆରମ୍ଭ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଏଠାରେ ପହଞ୍ଚି ସାରିଲେଣି।

# ବ୍ଲକସ୍ତରୀୟ ମିଶନଶକ୍ତି ଋଣମେଳା

**କୋକସରା,୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହଠାରେ ଶୁକ୍ରବାର ବ୍ଲକସ୍ତରୀୟ ମିଶନଶକ୍ତି ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ବିଡିଓ ଉତ୍ତମ କୁମାର ବାଗ, ଭାରପ୍ରାପ୍ତ ସିଡିପିଓ ସରୋଜ ଲତା ଦେଇ, ବିଏଲସି ଓସିଏମ ସୁମେଶ କୁମାର ରାଉତ, ବିଏଲସି ସୌମ୍ୟ ରଞ୍ଜନ ପଣ୍ଡା, ବିପିଏସିଏ ମନୋରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ଯୋଗ ଦେଇଥିଲେ। ବିଏଲସି ଓସିଏମ ସୁରେଶ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ନଥିପତ୍ର ସଂଗ୍ରହ କରାଯାଇଥିଲା। ପରେ ବ୍ୟାଙ୍କଗୁଡିକ ଦ୍ୱାରା ବ୍ଲକର ୧୪୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ କୋଟି ୪୪ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।











# ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା/ଧର୍ମଗଡ଼/ବେହେରା,୧।୧୦(ଡି.ଏନ.ଏ.)**

ଧର୍ମଗଡ଼ ଉପଖଣ୍ଡ ବ୍ରାହ୍ମଣ ସମାଜ ଓ ପର୍ଶୁରାମ ସେନା ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ବ୍ରାହ୍ମଣ ସମାଜର ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ନବରଙ୍ଗପୁର, ପଡୋଶୀ ଛତିଶଗଡ ରାଜ୍ୟ, କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ପ୍ରତିନିଧି ସମେତ ପ୍ରାୟ ଏକ ହଜାର ସଦସ୍ୟ ଅଂଶଗ୍ରହଣ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଏହି ଅବସରରେ ପର୍ଶୁରାମ ସେନା ଓ ପ୍ରଜ୍ଞା ବାହିନୀ ତରଫରୁ ରକ୍ତଦାନ ଶିବିର ଆୟୋଜନ କରାଯାଇ ୬୧ ୟୁନିଟ ରକ୍ତ ଧର୍ମଗଡ ଉପଖଣ୍ଡ ରକ୍ତ ଭଣ୍ଡାରକୁ ଦାନ କରାଯାଇଥିଲା। ଉପଖଣ୍ଡ ବ୍ରାହ୍ମଣ ସମାଜ ସାଧାରଣ ସମ୍ପାଦକ ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜୟନ୍ତ କୁମାର ମୁଣ୍ଡ ଓ ଲିଙ୍ଗରାଜ ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଧର୍ମଗଡ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ପ୍ରଜ୍ଞା ବାହିନୀ ସଂଯୋଜିକା ପ୍ରିୟମ୍ବଦା ଚାନ୍ଦ ଓ ମୀନା ମୁଣ୍ଡଙ୍କ ସମେତ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ । ଉପଖଣ୍ଡ ବ୍ରାହ୍ମଣ ସମାଜ ପର୍ଶୁରାମ ସେନା ମୁଖ୍ୟ ସଂଯୋଜକ ବି.ଆର.ପାତ୍ର ଓ ଶାନ୍ତନୁ କୁମାର ମୁଣ୍ଡ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଉମ୍ବରୁ ଠାକୁର,ମନୀନ୍ଦ୍ର ପାତ୍ର, ଚନ୍ଦନ ପାତ୍ର, ରାଜା ପଣ୍ଡା, ମାନସ ଆଚାର୍ଯ୍ୟ, ଗିରିଜା ଖମାରୀ, ଅଙ୍କିତ ପଣ୍ଡା,ଶାଶ୍ୱତ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଜିଲା ବ୍ରାହ୍ମଣ ସମାଜ ଉପସଭାପତି ସୁରେଶ ମୁଣ୍ଡ, ସତ୍ୟ ପଣ୍ଡା, କୋଷାଧ୍ୟକ୍ଷ କ୍ଷୀରୋଦ ନେଗୀ, ହର୍ଷବର୍ଦ୍ଧନ ବେହେରା, ଉମେଶ ପଣ୍ଡା, ସୁନୀଲ ପାତ୍ର, ଗୋପୀନାଥ ପଣ୍ଡା, ଜୟନ୍ତ ବେହେରା, ବ୍ଲକ ସଭାପତି ଅଜିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମାଜ ସଂସ୍କାର ଓ ସଂଗଠନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କାୟସ୍ଥ ପରିବାର, ଚିଦାନନ୍ଦ ପଣ୍ଡା, ଚନ୍ଦନ ଶତପଥୀ, ସଞ୍ଜୀବ ମୁଣ୍ଡ ପ୍ରମୁଖ କଳାକାରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସଂଯୋଜକ ଇଙ୍ଗିତ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହୃଷୀକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ